

## ନାଗାଲାଣ୍ଡକୁ ୨୯୯ ରନ୍‌ରେ ହରାଇଲା ଓଡ଼ିଶା, ଚଳିତ ସିଜନ୍‌ର ପ୍ରଥମ ବିଜୟ


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୨ • ସଂଖ୍ୟା–୨୯୨ • ୨୦ ନଭେମ୍ବର ୨୦୨୫, ଗୁରୁବାର • ଭୁବନେଶ୍ୱର • Vol -32 • Issue-292 • 20th November 2025, Thursday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

# ୯ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କ ଖାତାକୁ ଗଲା ୧୮ ହଜାର କୋଟି

**ଭୁବନେଶ୍ୱର, ୧୯।୧୧**

**ନ୍ୟୁଜ୍‌ବ୍ୟୁରୋ**

ଆମ ରାଜ୍ୟରେ କୃଷକଙ୍କ ସଶକ୍ତିକରଣ ଓ କଲ୍ୟାଣ ହେଉଛି ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ମୁଁ ଚାହେଁ ଯେ କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନାର ସୁବିଧା ସୁଯୋଗ ରାଜ୍ୟର ସମସ୍ତ ଯୋଗ୍ୟ ଚାଷୀ ନିଶ୍ଚିତରୂପେ ପାଆନ୍ତୁ। କେହି ଜଣେ ବି ଯେପରି ଏଥିରୁ ବଞ୍ଚିତ ନହୁଅନ୍ତୁ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୧ତମ ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଭୁବନେଶ୍ୱର କୃଷି ଭବନ ଠାରେ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।



ସୂଚନାଯୋଗ୍ୟ ଯେ, ତାମିଲନାଡୁର କୋଏମ୍ବାଟୁରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ୨୧ତମ କିସ୍ତିରେ ଦେଶର ୯ କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କୁ ୧୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି।

ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, କୃଷକମାନଙ୍କୁ ଠିକଣା ସମୟରେ ବିହନ, ସାର, କୀଟନାଶକ ଆଦି କିଣିବା ପାଇଁ କେନ୍ଦ୍ର ସରକାର ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ବୁଧବାର ୨୧ତମ କିସ୍ତିରେ ଆମ ରାଜ୍ୟର ୩୪.୧୨ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ କିସ୍ତି ବାବଦକୁ ୨ ହଜାର ଟଙ୍କା ଲେଖାଏଁ ପାଇବେ। ଏହି ସହାୟତା ପ୍ରଦାନ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କରାଯାଉଛି ଏବଂ ଏଥିରେ କ୍ଷୁଦ୍ର, ମଧ୍ୟମ, ବୃହତ ଓ ସହରାଞ୍ଚଳର ଭୂମିଧାରୀ ଚାଷୀମାନେ ଉପକୃତ ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଯୁଗାନ୍ତକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ଦେଶର ଚାଷୀ, ଗରିବ, ମହିଳା ସମସ୍ତେ ଉପକୃତ ହେଉଛନ୍ତି।

ସେ ପୁଣି କହିଥିଲେ ପିଏମ୍ କିଷାନ ସହିତ ଆମ ରାଜ୍ୟରେ ସିଏମ୍ କିଷାନ ଜରିଆରେ ୨ଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରାଯାଉଛି। (ପୃଷ୍ଠା ୭ରେ)

### ୨ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ ଉଦ୍‌ଯାପିତ

# ଆଇନ୍ ଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା

**ଭୁବନେଶ୍ୱର, ୧୯।୧୧**

**ନ୍ୟୁଜ୍‌ବ୍ୟୁରୋ**

କୌଣସି ପ୍ରକାର ଚାପର ବଶବର୍ତ୍ତୀ ନ ହୋଇ ଅପରାଧ କ୍ଷେତ୍ରରେ ପ୍ରକୃତ ଦୋଷୀକୁ ଖୋଜି ବାହାର କରିବା ଓ ଆଇନ ଅନୁଯାୟୀ ଦଣ୍ଡ ଦେବା ଲାଗି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଦୁଇ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ ଉଦ୍‌ଯାପନୀ ଅବସରରେ ଉପସ୍ଥିତ ଆରକ୍ଷୀ ଅଧୀକ୍ଷକମାନଙ୍କୁ ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଲୋକସେବା ଭବନ କନ୍‌ଭେନସନ ସେଣ୍ଟର ଠାରେ ମଙ୍ଗଳବାର ଠାରୁ ଦୁଇ ଦିନିଆ ରାଜ୍ୟ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀ ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲାପାଳଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରି କାମ କରିବା ଉଚିତ। ବିକାଶ ଓ ସୁରକ୍ଷା ଯେପରି ଏକାଠି ହୋଇପାରିବ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆରକ୍ଷୀ ଅଧୀକ୍ଷକମାନଙ୍କୁ ୮ଟି ବିଷୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେଗୁଡ଼ିକ ହେଲା- ଦଣ୍ଡବିଧାନ ହାରକୁ ବୃଦ୍ଧି



କରିବା ପାଇଁ ସ୍ୱତନ୍ତ୍ର ଷ୍ଟ୍ରାଟେଜି ବା ରଣନୀତି ପ୍ରସ୍ତୁତ କରିବା ଏବଂ ଆବଶ୍ୟକ ସ୍ଥଳେ ଅନୁସନ୍ଧାନ ଓ ଦଣ୍ଡବିଧାନ ଶାଖା ସ୍ଥାପନ କରିବାକୁ ବିଚାର କରିବା, ଥାନାକୁ ଆସୁଥିବା ସମସ୍ତ ଅଭିଯୋଗକୁ ଗ୍ରହଣ କରି ପଞ୍ଜୀକୃତ କରିବା ନଚେତ୍ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଆରକ୍ଷୀ ଅଧୀକ୍ଷକମାନଙ୍କ ଦ୍ୱାରା ନିୟମିତ ଥାନା ଗସ୍ତ, ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଗୋଟିଏ ଟିମ୍ ଭାବରେ କାମ କରିବା, ଦୁର୍ନୀତି ବିରୁଦ୍ଧରେ ଜିରୋ ଟଲେରାନ୍ସ ଏବଂ ନିଜେ ସଚ୍ଚୋଟ ରହିବା ସହିତ ଅନ୍ୟ ଅଧିକାରୀମାନଙ୍କୁ ପ୍ରେରଣା ଦେବା, କୌଣସି ନିରୀହ ଜନସାଧାରଣଙ୍କୁ ଅଯଥାରେ ହଇରାଣ ନ କରିବା, ଥାନସ୍ତରୀୟ ଅଧିକାରୀଙ୍କୁ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ବିଷୟରେ (ପୃଷ୍ଠା ୭ରେ)

# ସାପ କାମୁଡ଼ା ମୃତ୍ୟୁ ପାଇଁ କ୍ଷତିପୂରଣ ୧୦ ଲକ୍ଷ

**ଭୁବନେଶ୍ୱର, ୧୯।୧୧**

**ନ୍ୟୁଜ୍‌ବ୍ୟୁରୋ**


ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସାପ କାମୁଡ଼ାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପାଇଁ କ୍ଷତିପୂରଣ ରାଶି ବୃଦ୍ଧି କରିବାକୁ ଓଡ଼ିଶା ସରକାର ବିଚାର କରୁଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର କହିଛନ୍ତି ଯେ, କ୍ଷତିପୂରଣ ରାଶି ବୃଦ୍ଧି ପ୍ରସ୍ତାବକୁ ରାଜ୍ୟ ସରକାର ସମୀକ୍ଷା କରୁଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ଏହି ରାଶି ବୃଦ୍ଧି ପାଇଁ ଓଡ଼ିଶା ସରକାର ପୂର୍ବରୁ କେନ୍ଦ୍ରକୁ ଚିଠି ଲେଖି ସୁପାରିସ କରିଥିଲେ।

ସାପ କାମୁଡ଼ା ମୃତ୍ୟୁ ପାଇଁ ବର୍ତ୍ତମାନ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉଛି। ନିକଟରେ ଏକ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ସମସ୍ତ ରାଜ୍ୟ (ପୃଷ୍ଠା ୭ରେ)

# ପୁଣି ଏକ ଲଘୁଚାପ ସମ୍ଭାବନା

**ଭୁବନେଶ୍ୱର, ୧୯।୧୧:ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୨୨ ତାରିଖ ବେଳକୁ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ସୂତ୍ରରୁ ପ୍ରକାଶ। ଲଘୁଚାପ ସୃଷ୍ଟି ହୋଇ ପଶ୍ଚିମଉତ୍ତର ପଶ୍ଚିମ ଦିଗରେ ଗତି କରି ଅଧିକ ଘନୀଭୂତ ହେବ। ୨୪ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ଅବପାତ ସମ୍ଭାବନା ରହିଥିବାବେଳେ ପରବର୍ତ୍ତୀ ୪୮ ଘଣ୍ଟାରେ ଅବପାତ ଗତିର ଦିଗ ବଜାୟ ରଖିବ। ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।








ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଚିନ୍ତା ବଢ଼ାଇଲା ଜୈସ-ହମାସ ସଂପର୍କ

ଗତ ଏକ ବର୍ଷ ମଧ୍ୟରେ, ଏକ ଅଦୃଶ୍ୟ ଓ ଅଧିକ ଭୟଙ୍କର ଶକ୍ତି ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପାଇଁ ଏକ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛି । ଇସ୍ରାଏଲ ସହ ସଂଘର୍ଷ ପରେ ଆମେରିକା ଦ୍ୱାରା ଘୋଷିତ ଆତଙ୍କବାଦୀ ଗୋଷ୍ଠୀ ହମାସର ଆଦର୍ଶଗତ ପ୍ରଭାବ ଦକ୍ଷିଣ ଏସିଆରେ, ବିଶେଷ କରି ପାକିସ୍ତାନରେ ବିସ୍ତାର ହୋଇଛି । ଚଳିତ ବର୍ଷ ପ୍ରାରମ୍ଭରେ ପହଲଗାମ ଆକ୍ରମଣ ଇସ୍ରାଏଲରେ ହମାସ ହତ୍ୟାକାଣ୍ଡ ସହିତ ସାମଞ୍ଜସ୍ୟ ରଖିଥିଲା । ବର୍ତ୍ତମାନ ଏହା ସାମ୍ନାକୁ ଆସିଛି ଯେ ହରିୟାଣାରେ ଧରାଯାଇଥିବା ହ୍ୱାଇଟ୍ କଲର ଆତଙ୍କବାଦୀ ମଡ୍ୟୁଲ୍ ଡ୍ରୋନ୍ ବ୍ୟବହାର କରି ହମାସ ଶୈଳୀରେ ଆକ୍ରମଣ କରିବାକୁ ଯୋଜନା କରୁଥିଲା । ଲାଲକିଲ୍ଲା ଆକ୍ରମଣ ପଛରେ ସହ-ଷଡ଼ଯନ୍ତ୍ରକାରୀ ଜାସିର ବିଲାଲ ୱାନି ଓରଫ ଡାନିସ୍‌ର ଗିରଫଦାରୀ ପରେ ଏହି ଷଡ଼ଯନ୍ତ୍ର ଉନ୍ମୋଚିତ ହୋଇଛି । ଅନୁସନ୍ଧାନକାରୀମାନେ କହିଛନ୍ତି ଯେ, ଜୈସ-ଏ-ମହମ୍ମଦ (ଜେଇଏମ୍) ସହ ଜଡିତ ଏହି ମଡ୍ୟୁଲ୍ ଡ୍ରୋନ୍‌ର ନବୀକରଣ କରିବା ପ୍ରକ୍ରିୟାରେ ଅଛି, ଯାହା ଏକାଧିକ ସହରରେ ଆକ୍ରମଣ ପାଇଁ ଏହାକୁ ରକେଟ୍ ଷ୍ଟାଇଲ୍ ବୋମା ଭାବରେ ବ୍ୟବହାର କରିବ । ଡ୍ରୋନ୍‌ଗୁଡ଼ିକରେ କ୍ୟାମେରା ମଧ୍ୟ ଲାଗିବ । ଅକ୍ଟୋବର ୭, ୨୦୨୩ରେ ହମାସ ଇସ୍ରାଏଲ ଉପରେ ସମାନ ଶୈଳୀରେ ଆକ୍ରମଣ ଆରମ୍ଭ କରିଥିଲା । ଆମେରିକାର ମଧ୍ୟପ୍ରାଚ୍ୟ ଫୋରମ୍‌ର ଏକ ରିପୋର୍ଟ ଅନୁଯାୟୀ, ଗାଜାରେ ଇସ୍ରାଏଲ ସହିତ ଦୁଇ ବର୍ଷର ଯୁଦ୍ଧ ପରେ ମଧ୍ୟପ୍ରାଚ୍ୟରେ ଧ୍ୱଂସ ହୋଇଯାଇଥିବା ହମାସ କାର୍ଯ୍ୟକର୍ତ୍ତାମାନେ ପାକିସ୍ତାନରେ ଆଶ୍ରୟ ନେଉଛନ୍ତି । ନିକଟରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆତଙ୍କବାଦୀ ସଂଗଠନ ମଧ୍ୟରେ ହମାସର ନାମ ଉଲ୍ଲେଖ କରିଥିଲେ । ପ୍ରଥମ ଥର ପାଇଁ ଜଣେ ବରିଷ୍ଠ ସେନା ଅଧିକାରୀ ଜୈସ ଓ ଲସ୍କର-ଏ-ତୋଇବା ଭଳି ପାକିସ୍ତାନର ଆତଙ୍କବାଦୀ ସଂଗଠନ ସହ ହମାସର ନାମ ନେଇଥିଲେ । କୌତୂହଳର ବିଷୟ ହେଉଛି, ଭାରତ ଆନୁଷ୍ଠାନିକ ଭାବେ ହମାସକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିନାହିଁ । ହମାସ, ଲସ୍କର-ଏ-ତୋଇବା, ଟିଆରଏଫ୍ ଭଳି ଆତଙ୍କବାଦୀ ସଂଗଠନ ଭାରତ ପାଇଁ ଚିନ୍ତାର ସ୍ଥାୟୀ କାରଣ ହେବେ ବୋଲି ସେନା ମୁଖ୍ୟ ଅଗଷ୍ଟରେ ଆଇଆଇଟି-ମାଡ୍ରାସ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଥିଲେ । ଚଳିତ ବର୍ଷ ଫେବ୍ରୁଆରିରେ ପାକ୍ ଅଧିକୃତ କାଶ୍ମୀରରେ (ପିଓକେ) ଏକ 'ଭାରତ ବିରୋଧୀ' ସମ୍ମିଳନୀରେ ଯୋଗଦେବା ପରେ ହମାସ ଭାରତୀୟ ଗୁଇନ୍ଦା ଏଜେନ୍ସିର ରାଡାରରେ ଆସିଥିଲା । ଐତିହାସିକ ଭାବରେ କାଶ୍ମୀର ବିବାଦରେ ହମାସ ହସ୍ତକ୍ଷେପ କରିନାହିଁ । ତେବେ ଫେବ୍ରୁଆରି ୫ ତାରିଖରେ ପାକିସ୍ତାନରେ 'କାଶ୍ମୀର ଏକତା ଦିବସ' ଭାବେ ପାଳନ କରାଯାଉଥିବା ଭାଇରାଲ ଭିଡିଓରେ ଦେଖାଯାଇଥିଲା ଯେ ହମାସ ନେତାମାନଙ୍କୁ ଲସ୍କର-ଏ-ତୋଇବା, ଜୈସ୍ ଓ ଅନ୍ୟ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ରେଡ୍ କାର୍ପେଟ୍‌ରେ ସ୍ୱାଗତ କରିଛନ୍ତି । ଏହି ପ୍ରତିନିଧି ଦଳର ନେତୃତ୍ୱ ଇରାନରେ ହମାସର ପ୍ରତିନିଧି ଡ. ଖାଲିଦ ଅଲ-କାଦୋମି କରିଥିଲେ । ହମାସ ନେତାମାନେ ମଧ୍ୟ ଭାରତବିରୋଧୀ ଭାଷଣ ଦେଉଥିବାର ଦେଖାଯାଇଥିଲା । ବର୍ତ୍ତମାନ, ଦିଲ୍ଲୀ ବିସ୍ଫୋରଣ ମାମଲାରେ ଜୈସ-ହମାସର ସମ୍ଭାବ୍ୟ ସମ୍ପର୍କ ସାମ୍ନାକୁ ଆସିଛି । ଅନୁସନ୍ଧାନକାରୀମାନେ ବିଶ୍ୱାସ କରନ୍ତି ଯେ ଅଙ୍କାରାର ଜଣେ ଜୈସ ହ୍ୟାଣ୍ଡଲର୍ ଲାଲକିଲ୍ଲା ବିସ୍ଫୋରଣକାରୀ ଡ. ଉମର ସହ ସିଧାସଳଖ ଯୋଗାଯୋଗରେ ଥିଲା । ଡ. ଉମର ଓ ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲର କିଛି ସଦସ୍ୟ ୨୦୨୨ରେ ତୁର୍କୀ ଯାତ୍ରା କରିଥିଲେ, ଯେଉଁଠାରେ ସେମାନେ ହ୍ୟାଣ୍ଡଲରଙ୍କୁ ଭେଟିଥିବା ଅଭିଯୋଗ ହୋଇଛି ।



ଶ୍ରୀମଦ୍ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

ପଞ୍ଚମ ଅଧ୍ୟାୟ
(ମଉନେ ଦେବତା କୁହ-ବୃତ୍ତେ)
ପଞ୍ଚମେ ପଣ୍ଡୁ ନନ୍ଦନ,
ସନ୍ଦେହ ମାନସେ ଶ୍ରୀକୃଷ୍ଣଙ୍କ ପାଶେ
ପୁଣି କରିଲେ ପ୍ରଶନ ।ପଦ।
ଯେ କର୍ମ-ସନ୍ନ୍ୟାସ ଜ୍ଞାନର ବିଶେଷ
ପ୍ରଶଂସା କରିଲ ହୋଇଣ ହରଷ,
ଏ ବେନି ମଧ୍ୟରେ କେବା ମୋ ପକ୍ଷରେ
ହୋଇବ ହିତ କାରଣ ? (କ୍ରମଶଃ)

# ଡାଲଖାଇ ଲୋକନୃତ୍ୟଶିଳ୍ପୀ ଗୁରୁବାରୀ ମିର୍ଦ୍ଧା



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

କଳା ଓ ସଂସ୍କୃତି ମଧ୍ୟରେ ଡାଲଖାଇ ଲୋକନୃତ୍ୟ ଓ ଗୀତ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଲୋକକଳାର ଜୀବନ୍ତ ପ୍ରତୀକ ଡାଲଖାଇ ନୃତ୍ୟ ଓ ଗୀତ ଏହାର ଭାବ, ଭଂଗି, ରଂଗ, ଶୈଳୀ ଅତୀବ ମନୋଜ୍ଞ, ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ । ଏହା ସମ୍ବଲପୁରୀ ଲୋକକଳାକୁ ଅଧିକ ମହିମା ମଣ୍ଡିତ ଓ ଗୌରବାନ୍ୱିତ କରିଅଛି । ଡାଲଖାଇର ମାଧୁର୍ଯ୍ୟ ଓ ମହତ୍ୱ ଅତ୍ୟନ୍ତ ମନଛୁଆଁ ଯେ କୌଣସି ଦର୍ଶକ ଓ ଶ୍ରୋତାକୁ ଅକ୍ଳେଶରେ ବାଂଧି ରଖିବାରେ ସମର୍ଥ। ପଲ୍ଲୀଠାରୁ ଦିଲ୍ଲୀ ଓ ଦିଲ୍ଲୀରୁ ସମଗ୍ର ବିଶ୍ୱବାସୀଙ୍କର ହୃଦୟକୁ ଜୟ କରିଥିବା ଏହି ସମ୍ବଲପୁରୀ ଲୋକକଳା ଯଥେଷ୍ଟ ସମ୍ମାନ ଓ ଆଦରର ଅଧିକାରୀ ହୋଇପାରିଛି। ଡାଲଖାଇ ଲୋକନୃତ୍ୟ କଳାକୁ ଲୋକପ୍ରିୟ କରିଥିବା କଳାକାର ମାନଙ୍କ ମଧ୍ୟରୁ ଅନନ୍ୟା ଓ ଅସାଧାରଣ ପ୍ରତିଭାର ଅଧିକାରୀଣୀ ଥିଲେ, ସାର୍ଥକ ନୃତ୍ୟଶିଳ୍ପୀ ସ୍ୱର୍ଗତା ଗୁରୁବାରୀ ମିର୍ଦ୍ଧା ।

ଦିଲ୍ଲୀରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସର ମିଳିତ ପ୍ୟାରେଡରେ ଅଭୂତପୂର୍ବ ଡାଲଖାଇ ନୃତ୍ୟରେ ଆକର୍ଷିତ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧିଙ୍କୁ ନିଜ ସହିତ ନଚାଇଥିଲେ । ସମଗ୍ର ଜୀବନ ସେ ଡାଲଖାଇ ନୃତ୍ୟରେ ସମର୍ପିତ ଓ ଉତ୍ସର୍ଗୀକୃତ କରିଥିଲେ। ଏହାର ପ୍ରଚାର ଓ ପ୍ରସାର ପାଇଁ ସେ ତାଙ୍କ ସିଦ୍ଧି, ସାଧନା ଓ ତପସ୍ୟାର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ଭାରତ ବର୍ଷର ବହୁ ପ୍ରତିଷ୍ଠିତ ନଗର ଓ ମହାନଗର ମାନଙ୍କରେ ଦଲ୍ଲୀ, ମୁମ୍ବାଇ, ବେଙ୍ଗାଲୁର, ରାୟପୁର ପ୍ରଭୃତି ନଗରରେ ଡାଲଖାଇ ନୃତ୍ୟ ପରିବେଷଣ କରି ଶ୍ରଦ୍ଧାଳୁ ମାନଙ୍କର ମନକୁ କିଣିପାରିଥିଲେ। ଓଡିଶାର ଏହି ପ୍ରାଚୀନ ଲୋକ ନୃତ୍ୟକୁ ଦୂର-ଦୂରାନ୍ତରେ ପହଞ୍ଚାଇବାରେ ତାଙ୍କ ତ୍ୟାଗପୂତ ଜୀବନର ପଟାନ୍ତର ନାହିଁ । ସେ ସୃଷ୍ଟି କରିଥିଲେ ଏକ ନିଆରା ଉଦାହରଣ ଯାହା ଡାଲଖାଇ ନୃତ୍ୟକୁ ମିଳିଥିଲା ଏକ ସମ୍ମାନଜନକ ସ୍ୱୀକୃତି । ତତ୍କାଳୀନ ସମାଜର ସମସ୍ତ ପ୍ରତିବନ୍ଧକକୁ ସାହସର ସହିତ ସମ୍ମୁଖୀନ ହୋଇ ଜଣେ କଳାକାର ଭବେ ପ୍ରାଚୀନ ଲୋକକଳାକୁ କାଳଜୟୀ କରିବା ଦିଗରେ ତାଙ୍କର ସଂଘର୍ଷମୟ ଜୀବନ ଯେ କୌଣସି ଉପନ୍ୟାସର କାହାଣୀଠାରୁ ଅଧିକ ରୋମାଞ୍ଚକରା ଗୁରୁବାରୀ ମିର୍ଦ୍ଧା ଡାଲଖାଇ ନୃତ୍ୟର ଜଣେ ସୁନାମଧନ୍ୟା ଓ ସ୍ମରଣୀୟ ନାମା ତାଙ୍କ ଅବଦାନ ଓ ଜୀବନ କେବଳ ଡାଲଖାଇ ନୃତ୍ୟ ପ୍ରତି ଥିଲା ଅଂଗୀକାରବଧ, ଯାହା ଆମ ସଂସ୍କୃତିକୁ କଳା ମହିମା ବିମଣ୍ଡିତା ବିଧି ସଂଯୋଗ କ୍ରମେ ସେ ଗୁରୁବାର ଦିନ ଜନ୍ମଗ୍ରହଣ କରିଥିବାରୁ ପିତା ଚିତ୍ର ମିର୍ଦ୍ଧା ଓ ମାତା ବିଶାଖା ତାଙ୍କର ନାମକରଣ କରିଥିଲେ ଗୁରୁବାରୀ ଏବଂ ପରିଶେଷରେ ତାଙ୍କ ସଫଳ ଜୀବନର ପରିସମାପ୍ତି ଘଟିଥିଲା ସେହି ଗୁରୁବାର ଦିନ ବରଗଡ ଜିଲ୍ଲା ଅତାବିରା ବ୍ଲକର ଲରମ୍ବା ଗ୍ରାମରେ ୧୯୪୭ ମସିହାରେ ଏକ ଆଦିବାସୀ କୁଡା ପରିବାରରେ ଗୁରୁବାରୀଙ୍କର ଜନ୍ମ

ସଂସ୍କୃତିରେ ସୁନାମ ରଖିଥିବା ଲରମ୍ବା ଗ୍ରାମ ଝାଇଁ ନଦୀ କୂଳରେ ଅବସ୍ଥିତ ଏବଂ ଏଠାରୁ ୬ ନମ୍ବର ଜାତୀୟ ରାଜପଥ ୮କି.ମି ଅଟେ । ଲରମ୍ବା ଗ୍ରାମରେ ଜନ୍ମ ନେଇଥିଲେ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଜମିଦାର ବ୍ରଜ ମୋହନ ପଣ୍ଡା ଯେ ପ୍ରକୃତି କବି ଗଂଗାଧର ମେହେରଙ୍କ ସାରସ୍ୱତ ସୃଷ୍ଟି ସମ୍ଭାରର ଜଣେ ସମର୍ଥ ପୃଷ୍ଟପୋଷକ । ତାଙ୍କ ସହଯୋଗରେ ଗଢି ଉଠିଥିଲା ଲରମ୍ବା ମହାବିଦ୍ୟାଳୟ। ଏହି ମହାବିଦ୍ୟାଳୟରେ ଅଧାପନା ଜୀବନର ଅଧିକାଂଶ ସମୟ ଅତିବାହିତ କରିଥିଲେ ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତ ଶରତ ପୂଜାରୀ । ଗ୍ରାମର ପବିତ୍ର ମାଟି ମା' କୋଳରେ ଭୂମିଷ୍ଠ ହୋଇଥିଲେ ଗୁରୁବାରୀ ମିର୍ଦ୍ଧା । ଶିକ୍ଷା, ଦୀକ୍ଷା ଠାରୁ ସେ ବହୁଦୂରରେ ଥିଲେ । ଏକ ସାଧାରଣ ଜୀବନ ସେ ବିତାଉଥିଲେ । ବାଲ୍ୟକାଳରୁ ତାଙ୍କର ନୃତ୍ୟ, ଗୀତ ଓ ସଂଗୀତ ପ୍ରତି ପ୍ରବଳ ଦୁର୍ବଳତା ଥିଲା । ନୂଆଖାଇ, ଦଶହରା ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ଡାଲଖାଇ କୁଠିରେ ହେଉଥିବା ଡାଲଖାଇ ନୃତ୍ୟ ଦେଖି ଗୁରୁବାରୀ ମୀର୍ଦ୍ଧା ନିଜେ ନାଚିବା ଆରମ୍ଭ କରିଥିଲେ। ଡାଲଖାଇ ଲୋକନୃତ୍ୟର କଳା ନୈପୁଣ୍ୟରେ ସେ ବିଭୋର ଓ ଆକର୍ଷିତ ହୋଇଥିଲେ । ତାଙ୍କର କୌଣସି ଗୁରୁ ନଥିଲେ । ସେ ଦଶ ବାର ବର୍ଷ ବୟସରୁ ଅନ୍ୟ ଝିଅମାନଙ୍କ ସହିତ ମିଶି ଆଖପାଖ ଅଂଚଳରେ ଭାଇଜିଉନ୍ତିଆ, ପୁଅଜିଉନ୍ତିଆ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟରେ ନୃତ୍ୟ ପରିବେଷଣ କରୁଥିଲେ । ସୁଲଳିତ କଣ୍ଠରେ ବାଦ୍ୟର ତାଳେ-ତାଳେ ସୁନ୍ଦର ଭଂଗିରେ ଡାଲଖାଇ ନୃତ୍ୟକଳା ଉପସ୍ଥାପନା କରୁଥିଲେ । ଖୁବ୍ କମ୍ ସମୟ ମଧ୍ୟରେ ନୃତ୍ୟ ଦଳରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସମର୍ଥ ହେଲେ । ଡାଲଖାଇ ନୃତ୍ୟ ଓ ଗୀତ ପ୍ରାୟତଃ ଶୃଙ୍ଗାର ରସ ଉପରେ ଆଧାରିତ ହୋଇଥିବାରୁ ଯୁବ ବର୍ଗଙ୍କ ହୃଦୟରେ ମାଦକତାର ରୋମାଞ୍ଚ ସୃଷ୍ଟି କରୁଥିଲା । ଢୋଲ, ମହୁରୀ ଓ ନିଶାନର ତାଳେ ତାଳେ ନୃତ୍ୟ କରି ଗୁରୁବାରୀ ମିର୍ଦ୍ଧା ଦର୍ଶକଙ୍କୁ ବିମୋହିତ କରୁଥିଲେ । ବିଭିନ୍ନ ଗ୍ରାମରେ ଡାଲଖାଇ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିବା ସହିତ ପ୍ରଶଂସାର ପାତ୍ରୀ ହୋଇଥିଲେ । ଗୁରୁବାରୀ ମିର୍ଦ୍ଧା ସିନ୍ଦୁର ବାହଲ, ପୋଡବାଡି, କୁମେଲ ସିଂହା, ଗମ୍ଭାରୀପାଲି ପ୍ରଭୃତି ଗ୍ରାମରୁ ସମ୍ମାନ ସୂଚକ ମାନପତ୍ର ଓ ପୁରସ୍କାର ପାଇଥିଲେ । ପରବର୍ତ୍ତୀ ସମୟରେ ଗୁରୁବାରୀ ମିର୍ଦ୍ଧା ସୁବର୍ଣପୁର ଜିଲ୍ଲାର ଉଲୁଣ୍ଡା ନିକଟସ୍ଥ ପିପଲ ଖୁଣ୍ଟ ଗ୍ରାମରେ ବିବାହ କରିଥିଲେ । ନୃତ୍ୟ ପ୍ରତି ତାଙ୍କର ପ୍ରବଳ ଆକର୍ଷଣ, ଅନୁରାଗ, ଶ୍ରଦ୍ଧା ଓ ସମ୍ମାନ ଥିବାରୁ ଶାଶୁଘର ତାଙ୍କୁ ବାନ୍ଧି ରଖିପାରିନଥିଲା । ନିଜ ପ୍ରତିଭାର ପୂର୍ଣ୍ଣ ବିକଶିତ କରିବା ଉଦ୍ଦେଶ୍ୟରେ ଫେରିଆସିଲେ କବି ଚିତ୍ରାଳୟକୁ । ହର୍ଷ ମିର୍ଦ୍ଧା ତାଙ୍କ ମାମୁଁ ଝିଅ ଭଉଣୀର ସ୍ୱାମୀ ଥିଲେ ଏବଂ ତାଙ୍କ ସହିତ ବିଭିନ୍ନ ମଂଚକୁ ଡାଲଖାଇ ନୃତ୍ୟ ପରିବେଷଣ କରିବାକୁ ଯାଉଥିଲେ। ହର୍ଷ ମିର୍ଦ୍ଧାଙ୍କ ପତ୍ନୀଙ୍କ ବିୟୋଗ ହେବାପରେ ଗୁରୁବାରୀ ତାଙ୍କୁ ଜୀବନ ସାଥୀ ରୂପେ ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁ ସମୟରେ ତାଙ୍କ ସ୍ୱାମୀ ହର୍ଷ ମିର୍ଦ୍ଧା, ପାଳିତ କନ୍ୟା ସୁବର୍ଣ୍ଣ ମିର୍ଦ୍ଧା ଓ ଜ୍ୱାଇଁ ଭଗବାନ ମିର୍ଦ୍ଧା ଉପସ୍ଥିତ ଥିଲେ ।

ଗୁରୁବାରୀ ମିର୍ଦ୍ଧା ଡାଲଖାଇକୁ ଜାତୀୟ ପରିଚୟ ଦେବା ସହିତ ନିଜର ପରିଚୟ ମଧ୍ୟ ସୃଷ୍ଟି କରିଥିଲେ । ଗୁରୁବାରୀ ମିର୍ଦ୍ଧା ଏବଂ ସୋହେଲା ବ୍ଲକ ପୋଟୁପାଲି ଓ ଘେଁସ ଅଂଚଳର ୧୬ ଜଣ ଝିଅ ୧୯୬୯ ମସିହାରେ ସାଧାରଣତନ୍ତ୍ର ଦିବସରେ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ । ସାଧାରଣତନ୍ତ୍ର ଦିବସ ଅବସରରେ କୁଚିପୁଡି, ଭାରତନାଟ୍ୟମ, ବିହୁ, ଭାଙ୍ଗଡା ପ୍ରଭୃତି ସର୍ବଭାରତୀୟ ନୃତ୍ୟ ପରିବେଷଣ ହେଉଥିବା ବେଳେ ଓଡିଶାର ପ୍ରତିନିଧିତ୍ୱ କରି ଗୁରୁବାରୀ ମିର୍ଦ୍ଧା ଓ ତାଙ୍କ ସାଥୀ ସେଠାରେ ଡାଲଖାଇ ନୃତ୍ୟରେ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲେ । ଦିଲ୍ଲୀ ଲୋକନୃତ୍ୟ ଉତ୍ସବରେ ତାଙ୍କ ଦଳ ସହିତ ନୃତ୍ୟ ପରିବେଷଣ କରୁଥିବା ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଭାବବିହ୍ୱଳ ହୋଇଯାଇଥିଲେ । ଗୁରୁବାରୀ ମିର୍ଦ୍ଧା ଇନ୍ଦିରାଗାନ୍ଧୀଙ୍କ ଡାହାଣ ହାତକୁ ଧରି ମଞ୍ଚ ଉପରକୁ ଆଣିଥିଲେ । ପାରମ୍ପରିକ ବାଦ୍ୟର ତାଳେ-ତାଳେ ସେ ଇନ୍ଦିରାଗାନ୍ଧୀଙ୍କୁ ଡାଲଖାଇ ନୃତ୍ୟରେ ନଚାଇଥିଲେ । ଯେଉଁ ଡାଲଖାଇ ଗୀତରେ ଇନ୍ଦିରାଗାନ୍ଧୀ, ଗୁରୁବାରୀ ମିର୍ଦ୍ଧା ଓ ତାଙ୍କ ଦଳ ସହିତ ନାଚିଥିଲେ, ତାହା ହେଲା-

ଡାଲଖାଇ ଗୋ
ଆମର ଇନ୍ଦିରାଗାନ୍ଧୀ ଥିଲା
ଡାଲଖାଇ ଗୀତ ଧୀଆନ୍ ଦେଲା
ଦିଲ୍ଲୀ ସହରକୁ ଗଲା
ଘଣ୍ଟର ବାଜେଣୀ ଘଣ୍ଟି ଶବଦ
ଘଣ୍ଟା ବାଜେ ତିନିପୁର
ସ୍ୱର୍ଗର ଦେବତା ମଞ୍ଚକୁ ଆସିବ
ମହେଶ୍ୱରୀ ରଥ ଯାଉ ଧୀର
ଧୀର

ଏହି ଗୀତକୁ ବିଜେପୁର ମହାବିଦ୍ୟାଳୟର ଅଧ୍ୟାପକ କବି ବାହନ ମହାପାତ୍ର ଗୁରୁବାରୀ ମିର୍ଦ୍ଧାଙ୍କ ଠାରୁ ସଂଗ୍ରହ କରିଥିଲେ । ଅନ୍ୟ ଏକ ଲୋକଗୀତ ରସରକେଲି, ସେଠାରେ ମଧ ଗୁରୁବାରୀ ମିର୍ଦ୍ଧା ଗାନ କରିଥିଲେ। ଇନ୍ଦିରାଗାନ୍ଧୀ ଏହି ଡାଲଖାଇ ନୃତ୍ୟ ଓ ଗୀତରେ ବିମୋହିତ ହୋଇ ଗୁରୁବାରୀ ମିର୍ଦ୍ଧା ଓ ତାଙ୍କ ଦଳ ସହ ଫଟୋ ଉଠାଇଲେ ଏବଂ ଭୂୟସୀ ପ୍ରଶଂସା ମଧ କରିଥିଲେ । ନୃତ୍ୟଦଳ ଇନ୍ଦିରାଗାନ୍ଧୀଙ୍କୁ ଏକ ସମ୍ବଲପୁରୀ ଶାଢି ଉପହାର ଦେଇଥିଲେ । ଡାଲଖାଇ ନୃତ୍ୟପ୍ରତି ଗୁରୁବାରୀ ମିର୍ଦ୍ଧା ସମ୍ପୂର୍ଣ୍ଣ ରୂପେ ସମର୍ପିତ ଥିଲେ । ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରର ପ୍ରତିଷ୍ଠା ଉତ୍ସବରେ ତତ୍କାଳୀନ ସୂଚନା ଓ ଲୋକସମ୍ପର୍କ ବିଭାଗର ମନ୍ତ୍ରୀ ଲାଲାକୃଷ୍ଣ ଆଡଭାନୀଙ୍କ ସମ୍ମୁଖରେ ଡାଲଖାଇ ନୃତ୍ୟ ପରିବେଷଣ କରି ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇପାରିଥିଲେ । ଶୃଙ୍ଗାର ରସ ଆଧାରିତ ଏହି ଡାଲଖାଇ ନୃତ୍ୟ ଓ ଗୀତକୁ ତତ୍କାଳୀନ ରକ୍ଷଣଶୀଳ ସମାଜ ଗ୍ରହଣ କରିପାରିନଥିଲା। ତେଣୁ ଗୁରୁବାରୀଙ୍କ କଳା, ପ୍ରତିଭା ଓ ସାଧନାର ମୂଲ୍ୟ ସେ ସମୟରେ କେହି ବୁଝିବା ପାଇଁ ପ୍ରସ୍ତୁତ ନଥିଲେ । ସମୟର ପରିବର୍ତ୍ତନ କ୍ରମେ ସମାଜ ଲୋକ ସଂସ୍କୃତିର ପୁନରୁଧାର ପ୍ରଚାର, ପ୍ରସାର ଓ ସ୍ଥାୟିତ୍ୱ ପାଇଁ ଉଦ୍ୟମ କଲା, ସେତେବେଳେ ଗୁରୁବାରୀ ମିର୍ଦ୍ଧାଙ୍କର ଡାଲଖାଇ ନୃତ୍ୟ ଓ ଗୀତ ସମ୍ମାନ ଓ ଆଦର ଲାଭ କଲା। ଅନେକ ଅନୁଷ୍ଠାନ ତାଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନୀତ କଲେ । ସମ୍ବଲପୁର ଆକାଶବାଣୀ କେନ୍ଦ୍ରରୁ ତାଙ୍କୁ ଗୀତ ଓ ସାକ୍ଷାତକାର ୨୯/୬/୧୯୯୬ରେ ପ୍ରସାରିତ ହୋଇଥିଲା । ସେ ୨୦୦୨ ମସିହାରେ ଓଡିଶା ସଂଗୀତ ନାଟକ ଏକାଡେମୀ ସମ୍ମାନରେ ସମ୍ମାନୀତ ହୋଇଥିଲେ । ଗୁରୁ ଭଗବାନ ସାହୁ ସ୍ମୃତି ସମିତି କୁମ୍ଭାରି ୨୦୦୪ ମସିହାରେ ତାଙ୍କୁ କୋଶଳମଣି ଉପାଧି ପ୍ରଦାନ କରିଥିଲେ। ୨୦୦୫ ମସିହାରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ତାଙ୍କୁ ରାହସ ବିହାରୀ ସ୍ମୃତି ସମ୍ମାନରେ ସମ୍ମାନୀତ କରିଥିଲେ । ସମ୍ବଲପୁର ଲୋକ ମହୋତ୍ସବ ୨୦୦୭, ରାମ ଚନ୍ଦ୍ର ସାଏ ପ୍ରତିଭା ସମ୍ମାନ ୨୦୧୧, ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାର୍ଏଁରୀ ସମ୍ମାନ, ସୁବର୍ଣ୍ଣପୁର ପାର୍ବତୀ ପ୍ରଭା ସମ୍ମାନ,୨୦୦୯ ଫୁଲଟରନ, ବରଗଡିଲା ଲୋକ ମହୋତ୍ସବ ପ୍ରଭୃତି ଅନୁଷ୍ଠାନ ତାଙ୍କର ପ୍ରତିଭାକୁ ସମ୍ମାନୀତ କରିଛନ୍ତି । ୨୦୧୧ ମସିହାରେ ଓଡିଶାର ଗର୍ବ ଓ ଗୌରବ ଦୈନିକ ଓଡିଆ ସମ୍ବାଦପତ୍ର ସମାଜ ଦ୍ୱାରା ତାଙ୍କୁ ସମ୍ବଲପୁରଠାରେ ସମ୍ବର୍ଦ୍ଧିତ କରିଯାଇଥିଲା । ୨୦୧୨ ମସିହା ଅକ୍ଟୋବର ମାସ ୧୯ ତାରିଖ ଗୁରୁବାର ଦିନ ବିଳମ୍ବିତ ରାତିରେ କୋଶଳମଣି ଗୁରୁବାରୀ ମିର୍ଦ୍ଧା ପାର୍ଥିବ ଜଗତରୁ ବିଦାୟ ନେଲେ । ତାଙ୍କର ଶେଷ ଦର୍ଶନ ପାଇଁ ରାଜ୍ୟସଭା ସଦସ୍ୟ ଡଃ ପ୍ରଭାସ ସିଂହ, ପଦ୍ମପୁର ବିଧାୟକ ପ୍ରଦିପ୍ତ ପୁରୋହିତ ଓ ଅନ୍ୟାନ୍ୟ ବିଧାୟକ, ରାଜନେତା, ଜିଲ୍ଲା ପ୍ରଶାସନ, କଳାକାର, ସାମ୍ବାଦିକ ଓ ସାଧାରଣ ଜନତା ଉପସ୍ଥିତ ଥିଲେ । ବନବାରି ବାବାମଠ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପର୍ଣ୍ଣ ହୋଇଥିଲା। ତାଙ୍କର ବିୟୋଗ ଡାଲଖାଇ ଲୋକନୃତ୍ୟ ଓ ଗୀତ ପ୍ରତି ଅପୂରଣୀୟ କ୍ଷତି । ସେ ଡାଲଖାଇ ଲୋକନୃତ୍ୟ ମାଧ୍ୟମରେ ନିଜର ଓ ଓଡିଆ ଜାତିର ଏକ ସୁନ୍ଦର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ । ଓଡିଆ ଜାତିର ସାଂସ୍କୃତିକ ଅଭିବୃଦ୍ଧିରେ ଲୋକନୃତ୍ୟ ଡାଲଖାଇ ଓ ଏହାର ସତୀର୍ଥ ସାଧିକା ଗୁରୁବାରୀ ମିର୍ଦ୍ଧାଙ୍କର ଅତୁଳନୀୟ ମାହାର୍ଘ୍ୟ ଯୋଗଦାନ ସର୍ବଦା ସ୍ମରଣୀୟ । ଡାଲଖାଇ ଲୋକକଳା ପ୍ରତି ସମଗ୍ର ଜୀବନକୁ ସମର୍ପିତ କରିଥିବା ଗୁରୁବାରୀ ମିର୍ଦ୍ଧାଙ୍କର ଅତୁଳନୀୟ ଯୋଗଦାନକୁ ଏ କୃତଜ୍ଞ ଓଡିଆ ଜାତି ସର୍ବଦା ମନେରଖିଥିବ ।

# ଓଡ଼ିଶାର ରାଜ୍ୟ ପକ୍ଷୀ–ଭଦଭଦଳିଆ



ଡ.ବିଜୟ କେତନ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ
ବନ୍ୟପ୍ରାଣୀ ସଂରକ୍ଷକ, ଓଡିଶା
ମୋ-୯୪୩୭୦୦୦୯୦୪

ଆମ ରାଜ୍ୟ ଓଡିଶାରେ ଭଦଭଦଳିଆକୁ ରାଜ୍ୟ ପକ୍ଷୀର ମାନ୍ୟତା ଦିଆଯାଇଛି । ଓଡିଶା ବ୍ୟତୀତ ତେଲେଙ୍ଗାନା ଏବଂ କର୍ଣ୍ଣାଟକ ରାଜ୍ୟରେ ମଧ ଭଦଭଦଳିଆକୁ ରାଜ୍ୟ ପକ୍ଷୀର ମାନ୍ୟତା ମିଳିଛି । ପିଲାବେଳେ ଆମେ ଏହି ପକ୍ଷୀକୁ ଶୁଭ ଭଦଭଦଳିଆ କହି ତା ପଛରେ ଦୌଡୁ । କାରଣ ଏହି ପକ୍ଷୀକୁ ଦେଖିଲେ ଶୁଭ ହୁଏ ବୋଲି ଧାରଣା। ଏହା ଦେଖିବାକୁ ବେଶ୍ ସୁନ୍ଦର ମନୋହର ନୀଳ ରଙ୍ଗର ପକ୍ଷୀ। ଓଡିଆରେ ସ୍ଥଳ ବିଶେଷରେ ଏହାକୁ ଭରଦ୍ୱାଜ ଓ ଟିହା ପକ୍ଷୀ ବୋଲି ମଧ କହିଥାନ୍ତି। ଇଂରାଜୀ ନାମ ଇଣ୍ଡିଆନ ରୋଲର ବାର୍ଡ । ପକ୍ଷୀଟିକୁ ବ୍ଲୁ ଜେ ମଧ କୁହାଯାଏ । ସଂସ୍କୃତ, ହିନ୍ଦୀ ଓ କନ୍ନଡ ଭାଷାରେ ଏହି ପକ୍ଷୀକୁ 'ନୀଳକଣ୍ଠ' କୁହାଯାଏ । ବୈଜ୍ଞାନିକ ନାମ-କୋରାସିଆସ୍ ବେଙ୍ଗାଲେନସିସ ।

ବ୍ୟାପ୍ତି ଓ ବିସ୍ତୃତି- ଭଦଭଦଳିଆ ବା ଭରଦ୍ୱାଜ ପକ୍ଷୀ ବହୁଳ ଭାବେ କ୍ରାନ୍ତୀୟ ଏସିଆ ମହାଦେଶର ଇରାକ ଠାରୁ ପୂର୍ବପଟକୁ ଭାରତ ଉପମହାଦେଶ ପର୍ଯ୍ୟନ୍ତ ଦେଖିବାକୁ ମିଳନ୍ତି । କିନ୍ତୁ ସର୍ବାଧିକ ସଂଖ୍ୟକ ପକ୍ଷୀ, ଭାରତର ତିନୋଟି ରାଜ୍ୟ-ଓଡିଶା, ଅବିଭକ୍ତ ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକରେ ଦେଖିବାକୁ ମିଳନ୍ତି । ଏହା ସାଧାରଣତଃ ଖୋଲା ଅଞ୍ଚଳର ପକ୍ଷୀ। ଘନ ଅରଣ୍ୟରେ ଦେଖିବାକୁ ମିଳନ୍ତି ନାହିଁ । ଆକାଶରେ କିଛି ସମୟ ଉଡିଲା ପରେ, ଭଦଭଦଳିଆ ସାଧାରଣତଃ ଥୁଣ୍ଟା ଗଛ ଓ ଟେଲିଗ୍ରାଫ ତାର ଉପରେ ବସିଥାଏ । ଏପରି ଉଚ୍ଚ ସ୍ଥାନରେ ବସି, ସେଠାରୁ ଦୂର ସ୍ଥାନକୁ ନିରୀକ୍ଷଣ କରି ଖାଦ୍ୟ ସଂଗ୍ରହ କରିବା ସହଜ ହୋଇଥାଏ। ଚାଷ ଜମି, ଖୋଲା ପଡିଆ ଏବଂ ପତଳା ଖୋଲା ଜଙ୍ଗଲ ସେମାନଙ୍କର ଉପଯୁକ୍ତ ବାସସ୍ଥଳୀ । ପକ୍ଷୀଟି ଏକାଥରକେ ବେଶୀ ଦୂରକୁ ଉଡିପାରେ ନାହିଁ ।

ଆକୃତି- ଆକୃତିରେ ଏହି ପକ୍ଷୀ ୨୫ରୁ ୨୬ ସେଣ୍ଟିମିଟର ଲମ୍ବ । ଦେଖିବାକୁ ପାରା ସଦୃଶ । ମୁଣ୍ଡଟି ଅପେକ୍ଷାକୃତ ବଡ । ଛାତିର ବର୍ଣ୍ଣ ଲାଲ-ବାଦାମୀ । ୟୁରୋପୀୟ ରୋଲର ପକ୍ଷୀଙ୍କ ଭଳି ନୀଳ ରଙ୍ଗର ନୁହେଁ, ପେଟ ଓ ଲାଞ୍ଜ ତଳର ବର୍ଣ୍ଣ ଫିକା ନୀଳ । ଡେଣାର ପକ୍ଷାଂଶ ଓ ପରଗୁଡିକ ହାଲକା ବାଇଗଣୀ ରଙ୍ଗରୁ ଗାଢ ନୀଳ ରଙ୍ଗର ହୋଇଥାଏ । ଆକାଶରେ ଉଡୁଥିବା ବେଳେ ପକ୍ଷରେ ଥିବା ଉଜ୍ଜଳ ନୀଳ ପଟି ସୂର୍ଯ୍ୟାଲୋକରେ ଚକ୍‌ଚକ୍ କରି ଉଠେ । ଶରୀରର ମଧ ଭାଗରେ ଥିବା ପରଗୁଡିକ ଫିକା ସବୁଜ । ଲାଞ୍ଜଟି ଆକାଶୀ ନୀଳ ଏବଂ ଶେଷ ଭାଗ ଆଡକୁ ଲାଞ୍ଜର ରଙ୍ଗ ଘନ ନୀଳ । ଗ୍ରୀବା ଓ କଣ୍ଠ ନୀଳ ଲୋହିତ ବର୍ଣ୍ଣର ଏବଂ ଏହା ମଝିରେ ବର୍ଣ୍ଣ ସଦୃଶ ଧଳାଗାର ରହିଥାଏ । ବିଭିନ୍ନ ରଙ୍ଗର ଏହି ବର୍ଣ୍ଣିଳ ଛାୟାଚିତ୍ର ହେତୁ ଭଦଭଦଳିଆ ପକ୍ଷୀଟି ଦେଖିବାକୁ ବେଶ୍ ସୁନ୍ଦର । ଥଣ୍ଟଟି ଲମ୍ବା ଏବଂ ଶକ୍ତ । ଉପର ଥଣ୍ଟଟି ଆଗ ଆଡକୁ ସାମାନ୍ୟ ବଙ୍କା ।

ଆମ ଦେଶରେ ମୁଖ୍ୟତଃ ଦୁଇ ତିନି ପ୍ରଜାତିର ଭଦଭଦଳିଆ ପକ୍ଷୀ ଦେଖିବାକୁ ମିଳନ୍ତି । ସେମାନଙ୍କ ଭିତରୁ କାଶ୍ମୀର ଓ ହିମାଳୟ ଅଞ୍ଚଳରେ ଦେଖିବାକୁ ମିଳୁଥିବା ପକ୍ଷୀ କାଶ୍ମୀର ଭରଦ୍ୱାଜ ସବୁଠାରୁ ସୁନ୍ଦର । ପକ୍ଷ କୃଷ୍ଣ-ନୀଳା ଏହାର ଆକର୍ଷଣୀୟ ନୀଳ ରଙ୍ଗର ପକ୍ଷ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଅଧିକ ସଂଖ୍ୟକ ଭରଦ୍ୱାଜ ପକ୍ଷୀ ଶିକାର ହୋଇଥାନ୍ତି । ସୌନ୍ଦର୍ଯ୍ୟ ହିଁ ସେମାନଙ୍କର ବିପତ୍ତିର କାରଣ ।

ଆଚାର ବ୍ୟବହାର- କଥାରେ ଅଛି, ସବୁ ଚକ୍‌ଚକ୍ ଦିଶୁଥିବା ପଦାର୍ଥ ସୁବର୍ଣ୍ଣ ନୁହେଁ । ଏହି ଉକ୍ତିଟି ଭଦଭଦଳିଆ ପକ୍ଷୀ ପାଇଁ ପ୍ରଯୁଜ୍ୟ। ପକ୍ଷୀଟି ସୁନ୍ଦର ନୀଳ ବର୍ଣ୍ଣର ଚେହେରା ପାଇଥିଲେ ମଧ, ସ୍ୱଭାବରେ ଏହା ଖଳ ପ୍ରକୃତିର ଏବଂ ଭୀଷଣ ଜିଦଖୋର, ଦୁଇଟି ଭଦଭଦଳିଆ ପକ୍ଷୀ ଟିକିଏ ଟିକିଏ କଥାରେ ମଲ୍ଲଯୋଦ୍ଧା ଭଳି କର୍କଶ ସ୍ୱରରେ ରାବ କରି ଉଡୁଥିବାର ଦୃଶ୍ୟ ପ୍ରାୟତଃ ଦେଖିବାକୁ ମିଳିଥାଏ। ଭଦଭଦଳିଆର ସ୍ୱର ଉଚ୍ଚ ଓ କର୍କଶ।


ଖାଦ୍ୟ- କୀଟ ପତଙ୍ଗ ଭିତରେ ମୁଖ୍ୟତଃ ଝିଣ୍ଟିକା, ଝିଙ୍କାରୀ ଓ କୋଟଳି ଏମାନଙ୍କର ପ୍ରିୟ ଖାଦ୍ୟ। ଏହା ବ୍ୟତୀତ ବଡ ବଡ ପୋକଜୋକ, ଜିଆ, ଛୋଟ ଝିଟିପିଟି, ଏଣ୍ଡୁଅ, ବେଙ୍ଗ ଓ ମୂଷା ସେମାନଙ୍କର ଆହାର ହୋଇଥାଏ। ଏହି ସବୁ ପ୍ରାଣୀ ତଳେ ଭୂଇଁ ଉପରେ ଚାଲୁଥିଲାବେଳେ, ଉପରେ ଥୁଣ୍ଟା ଗଛ ଡାଳରେ ବା ଟେଲିଗ୍ରାଫ୍ ତାର ଉପରେ ବସିଥିବା ଭରଦ୍ୱାଜ ପକ୍ଷୀ ତଳକୁ ଝାମ୍ପମାରି, ଥଣ୍ଟରେ ଆହାରକୁ ଧରି ନେଇ ପୁଣି ଫେରିଯାଏ । ଏହି ପକ୍ଷୀଟି ଖାଇଲା ସମୟରେ କଂସେଇ ଭଳି ବ୍ୟବହାର ପ୍ରଦର୍ଶନ କରେ ଏବଂ ବୁଭୁକ୍ଷୁ ପରି ଆହାରକୁ ଟିକ୍ ଟିକ୍ କରି ଖାଇଯାଏ । କୀଟ ପତଙ୍ଗ ଖାଉଥିବା ଅନ୍ୟ ପକ୍ଷୀମାନେ ସାରାଦିନ ଅନାନ୍ତି ନାହିଁ, କିନ୍ତୁ ଭଦଭଦଳିଆ ପକ୍ଷୀ କେବଳ ଶିକାର କରି ଖାଇବା ପାଇଁ ଯେମିତି ବଞ୍ଚି ରହିଥାଏ । ଦିନର ପ୍ରତିଟି ମୁହୂର୍ତ୍ତ ତାର ଆହାର ସନ୍ଧାନରେ କଟେ । ଖରାଦିନେ ଏହି ପକ୍ଷୀଟି ଅନ୍ଧାରରେ ଛପି ରହି କୃତ୍ରିମ ଆଲୋକ ଆଡକୁ ଆକର୍ଷିତ ହୋଇ ଆସୁଥିବା କୀଟ ପତଙ୍ଗମାନଙ୍କୁ ଖାଉଥିବାର ଦେଖିବାକୁ ମିଳେ । ଭାରତର ଦକ୍ଷିଣ-ପୂର୍ବ ଏବଂ ଦାକ୍ଷିଣାତ୍ୟ ରାଜ୍ୟର ଫସଲ କ୍ଷେତମାନଙ୍କରେ ଶହ ଶହ ସଂଖ୍ୟାରେ ବସି ଚାଷ ଜମିରେ ଥିବା ଅନିଷ୍ଟକାରୀ କୀଟ ପତଙ୍ଗ ଓ ପଙ୍ଗପାଳଙ୍କୁ ଖାଇ କୃଷକଙ୍କୁ ପ୍ରକାରାନ୍ତରେ ସାହାଯ୍ୟ କରୁଥିବାରୁ ଏହି ପକ୍ଷୀଟିକୁ 'ଚାଷୀର ବନ୍ଧୁ' ବୋଲି ବିବେଚନା କରାଯାଏ । ରାସ୍ତା ଉପରେ ବା ରାସ୍ତା କଡରେ ବସି ପୋକଜୋକ ଖୁଣ୍ଟି ଖାଉଥିବାବେଳେ ସମୟ ସମୟରେ ଯାନବାହାନ ସହିତ ଧକ୍କା ଖାଇ ଅନେକ ଭଦଭଦଳିଆ ପକ୍ଷୀ ପ୍ରାଣ ହରାଇଥାନ୍ତି ।

ପ୍ରଜନନ ଋତୁ- ଦକ୍ଷିଣ ଏବଂ ପୂର୍ବ ଭାରତରେ ଭଦଭଦଳିଆ ପକ୍ଷୀ ଫେବୃୟାରୀ ମାସରୁ ମେ ମାସ ମଧ୍ୟରେ ନୀଡ ରଚନା କରିଥାଏ । ଏହି ସମୟହିଁ ସେମାନଙ୍କର ପ୍ରଜନନ ଋତୁ । ପୁରୁଣା ଗଛ କୋରଡରେ ବା ଉଚ୍ଚା ମାଟି କୁଦରେ ବା ଘର କାନ୍ଥରେ ଥିବା ଫାଙ୍କରେ, କୁଟା, କାଠି ଓ ପରରେ ତିଆରି ହୋଇଥାଏ ନୀଡ । କାଠହଣା ଚଢେଇ କୁଟ୍ କୁଟ୍ କରି ଗଛରେ ଖୋଳିଥିବା ଗାତରେ ନୀଡ ରଚନା କରିବାକୁ ଏହି ପକ୍ଷୀ ଅଧିକ ପସନ୍ଦ କରେ । ନୀଡର ଭିତର ପାଖ ଆଦୌ ମସୃଣ ନୁହେଁ, ବରଂ କୁଟା, କାଠି ଓ ଅଳିଆରେ ଭରା। ମାଈ ପକ୍ଷୀଟି ଥରକେ ଚାରୋଟିରୁ ସାତୋଟି ଅଣ୍ଡା ଦିଏ, ଅଣ୍ଡା ଗୁଡିକ ଦେଖିବାକୁ ଚିକ୍କଣ ଧଳାରଙ୍ଗର ଏବଂ ଗୋଲାକାର ବା ଅଣ୍ଡାକୃତି । ଉଭୟ ମା, ବାପା ମିଶି ଅଣ୍ଡାକୁ ଉଷୁମାନ୍ତି ଏବଂ ୧୭ରୁ୨୦ ଦିନ ମଧ୍ୟରେ ପ୍ରାୟ ଅଶୀ ପ୍ରତିଶତ ଅଣ୍ଡାରୁ ଛୁଆ ବାହାରିଥାଏ । ଛୁଆମାନେ ମାସକର ହୋଇଗଲେ ନୀଡ ଛାଡି ବାହାରକୁ ଉଡିଯାଆନ୍ତି ।

ଭଦଭଦଳିଆ ପକ୍ଷୀର ବ୍ୟବହାର ସାଧାରଣତଃ ରୁକ୍ଷ ଓ କର୍କଶ ହୋଇଥିଲେ ମଧ ପ୍ରଜଜନ ଋତୁରେ ମାଈ ପକ୍ଷୀକୁ ଆକୃଷ୍ଟ କରିବା ପାଇଁ ପୁରୁଷ ପକ୍ଷୀ ଯଥୋଚିତ ଚେଷ୍ଟା କରେ, ଉଡିଉଡି ଆକାଶରେ ଅଦ୍ଭୁତ ପ୍ରକାରର ଖେଳ ପ୍ରଦର୍ଶିତ କରିଥାଏ। ଆକାଶରେ ରକେଟ୍ ପରି ଉପରକୁ ଉଠିଯିବା, ଉଡୁ ଉଡୁ ଲୋଟଣି ପାରା ପରି ଓଲଟିଯିବା, ମୁହଁ ତଳକୁ କରି ମାଡି ଆସିବା ଏବଂ ବେଳେ ବେଳେ ସିଧାସଳଖ ମୃତ ପକ୍ଷୀପରି ତଳକୁ କିଛି ସମୟ ଖସି ଆସିବା ପରେ ହଠାତ୍ ଉପରକୁ ଉଡିବା ଆରମ୍ଭ କରି ପୂର୍ବ ସ୍ଥାନକୁ ଫେରି ଆସିବା ଆଦି ତନ୍ମଧ୍ୟରୁ ଅନ୍ୟତମ । ପୁରୁଷ ପକ୍ଷୀର ଏ ସମସ୍ତ ଖେଳ କୌତୁକ କେବଳ ମାଈ ପକ୍ଷୀକୁ ଆକର୍ଷିତ ବା ବଶୀଭୂତ କରିବା ପାଇଁ ଅଭିପ୍ରେତ । ଏଭଳି ଘୁରି ଘୁରି କୌତୁକ ପ୍ରଦର୍ଶନ କରୁଥିବା କାରଣରୁ, ପକ୍ଷୀଟିକୁ ଭାରତୀୟ ଘୂରାଣିଆ ପକ୍ଷୀ ବା ଇଣ୍ଡିଆନ ରୋଲର ମଧ କୁହାଯାଏ । ପକ୍ଷୀର ସ୍ୱର ସାଧାରଣତଃ କାଉର ରାବ ପରି କର୍କଶ । ବିଶେଷ କରି ପ୍ରଜନନ ଋତୁରେ ଏମାନେ ଅଧିକ କୋଳାହଳ କରିଥାନ୍ତି ।

ସଂରକ୍ଷଣ ସ୍ଥିତି- ସବୁଠାରୁ ଅଧିକ ସଂଖ୍ୟକ ଭଦଭଦଳିଆ ପକ୍ଷୀ ଭାରତରେ ଦେଖାଯାଆନ୍ତି । ଆଇ.ୟୁ.ସି.ଏନ୍.(ଇଣ୍ଟରନ୍ୟାସନାଲ ୟୁନିୟନ୍ ଫର କଞ୍ଜରଭେସନ ଅଫ ନେଚର) କର୍ତ୍ତୃକ ପ୍ରକାଶିତ ଲାଲ କିତାବ ବା ବହିରେ ଏହି ପକ୍ଷୀକୁ ସର୍ବନିମ୍ନ ଗୁରୁତ୍ୱ ଆରୋପ କରାଯାଇଛି, ଅର୍ଥାତ୍ କେବଳ ଝଡ,ବାତ୍ୟାକୁ ଛାଡିଦେଲେ ଅନ୍ୟ କୌଣସି ସୂତ୍ରରୁ ପକ୍ଷୀ ପ୍ରତି ବିପଦ ନାହିଁ, ଭାରତୀୟ ବନ୍ୟ ପ୍ରାଣୀ ଆଇନ,୧୯୭୨ରେ ମଧ ଭଦଭଦଳିଆ ପକ୍ଷୀ ଚତୁର୍ଥ ଖସଡା ପର୍ଯ୍ୟାୟଭୁକ୍ତ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୬୦

## ମୋତେ କ'ଣ ବଗ ଭାବିଚନ୍ତି-୨

ବ୍ରାହ୍ମଣ କୌଶିକଙ୍କର ଆଶ୍ଚର୍ଯ୍ୟର ସୀମାନାହିଁ । ଏହି ନାରୀ ଜଣକ ସେହି ବଗ - ଘଟନା କେମିତି ଜାଣିଲେ ? କେହି ତ ଦେଖିନଥିଲେ !

ନାରୀ ପୁଣି କହିଲେ - ହେ ମହାତ୍ମା ! କର୍ତ୍ତବ୍ୟ ବୋଇଲେ କ'ଣ ତାହା ତୁମକୁ ଜଣାନାହିଁ ଏବଂ ତୁମେ ଜଣେ ବ୍ରାହ୍ମଣ ହୋଇ କେମିତି କ୍ରୋଧକୁ ହୃଦୟ ମଧ୍ୟରେ ଆଶ୍ରୟ ଦେଇଛ ! ଜାଣିନାହଁ, କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ । ମୁଁ ମହାତ୍ମାଙ୍କୁ ଅନୁରୋଧ କରିବି, ତୁମେ ମିଥିଳା ନଗରୀ ଯାଅ ଓ ସେଠାରେ ଧର୍ମବ୍ୟାଧଙ୍କୁ ସାକ୍ଷାତ କର । କର୍ତ୍ତବ୍ୟ ଓ ଜୀବନର ଗୋପନ ରହସ୍ୟ ତାଙ୍କଠାରୁ ଶିକ୍ଷାକର ।

ବ୍ରାହ୍ମଣ କୌଶିକ ଚମତ୍କୃତ ହେଲେ । କହିଲେ – ତୁମେ ଯାହା କହିଲ ତାହା ମୁଁ ଗ୍ରହଣ କରୁଛି । ତୁମର ମଙ୍ଗଳ ହେଉ । ସେ ଫେରିଲେ ।

ମିଥିଳା ନଗରୀ ଆଡେ ପାଦ ବଢେଇଲେ କୌଶିକ ।

ଯଥା ସମୟରେ କୌଶିକ ପହଞ୍ଚିଲେ ମିଥିଳାରେ । ସେ ଧର୍ମବ୍ୟାଧଙ୍କର ବାସସ୍ଥାନ ଖୋଜିଲେ । ସେ ଭାବିଥିଲେ, କୌଣସି ନିରୋଳା ସ୍ଥାନରେ ଧର୍ମବ୍ୟାଧଙ୍କ ଆଶ୍ରମ ହୋଇଥିବ । କିନ୍ତୁ ନା, ନଗ୍ରର ବ୍ୟସ୍ତବହୁଳ ରାସ୍ତା ଦେଇ ସେ ଗଲେ ଏବଂ ଗୋଟିଏ ମାଂସ ଦୋକାନରେ ପହଞ୍ଚିଲେ । ଦୋକାନରେ ଜଣେ ଲୋକ ମାଂସ ଓଜନ କରୁଥିଲା । କୌଶିକ ପଚାରି ବୁଝିଲେ, ସେହି ଲୋକଟି ହେଉଛି ଧର୍ମବ୍ୟାଧ । କୌଶିକ ଆଶ୍ଚର୍ଯ୍ୟଚକିତ ।



ମାଂସ ଦୋକାନଠୁ ଖଣ୍ଡେ ତଫାତ୍‌ରେ ଠିଆହେଲେ କୌଶିକ । ତାଙ୍କ ମୁହଁରେ ଘୃଣାଭାବ । ଏହି ସମୟରେ ମାଂସ ଦୋକାନୀ ତାଙ୍କ ପାଖକୁ ଆସିଲା । କହିଲା – ମହାଶୟ ! ଆପଣ ଭଲ ଅଛନ୍ତି ? ସେଇ ବ୍ରାହ୍ମଣ ନାରୀ ଜଣକ ମୋ ପାଖକୁ ପଠେଇଛନ୍ତି ?

ବ୍ରାହ୍ମଣ କୌଶିକଙ୍କ ମୁହଁରେ ଭାଷାନାହିଁ ।

"ମହାଶୟ କାହିଁକି ଆସିଛନ୍ତି ମୁଁ ଜାଣେ । ଚାଲନ୍ତୁ ମୋ ଘରକୁ !"– କହିଲା ମାଂସ ଦୋକାନୀ ।

ଏବଂ କୌଶିକଙ୍କୁ ସାଙ୍ଗରେ ନେଇ ମାଂସ ଦୋକାନୀ ନିଜ ଘରକୁ ଚାଲିଲା।

ମାଂସ ଦୋକାନୀ ଧର୍ମବ୍ୟାଧ ହେଉଛି ଜଣେ କଂସେଇ ।

ଧର୍ମବ୍ୟାଧର ଗୋଟିଏ ସୁଖୀ ପରିବାର । ପିତାମାତାଙ୍କ ପ୍ରତି ବ୍ୟାଧର ଭକ୍ତି ଦେଖି ବ୍ରାହ୍ମଣ କୌଶିକ ଆଶ୍ଚର୍ଯ୍ୟ ହେଲେ । ଧର୍ମ ଓ କର୍ତ୍ତବ୍ୟ କହିଲେ କ'ଣ ବୁଝାଯାଏ, ସେ ଧର୍ମବ୍ୟାଧଙ୍କ ଠାରୁ ଶିକ୍ଷା କଲେ ।

ନିଜ ଘରକୁ ଫେରିଲେ କୌଶିକ । ଏବଂ ନିଜର ପିତାମାତାଙ୍କ ସେବାରେ ଲାଗିଲେ । ସେ ପର୍ଯ୍ୟନ୍ତ ପିତାମାତାଙ୍କ ପ୍ରତି ସେ ଅବହେଳା କରିଆସୁଥିଲେ ।

ଏହି କାହାଣୀଟିର ଅର୍ଥ ସରଳ । ସେ କଂସେଇ ହେଉ କି ହାଡ଼ି ହେଉ, ତା'ର ହୃଦୟ ଯଦି ନିର୍ମଳ ଓ ସେ ଯଦି ନିଜ କର୍ତ୍ତବ୍ୟ କ'ଣ ଜାଣିଛି ତାହାହିଁ ହେଉଛି ଭଗବାନଙ୍କ ଆରାଧନା ।

ବ୍ରାହ୍ମଣ କୌଶିକ ଜଣେ କଂସେଇ ଠାରୁ ଧର୍ମ ଓ କର୍ତ୍ତବ୍ୟ କ'ଣ ଶିକ୍ଷା କରିଥିଲେ ।

ଏହି କାହାଣୀରୁ ଆମେ ମଧ୍ୟ ଶିକ୍ଷାକରିବା ଉଚିତ୍ ଯେ ଅନ୍ତରେ କ୍ରୋଧବହି ଈଶ୍ୱର ଆରାଧନା କରାଯାଏନା । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଆହା କି ସୁନ୍ଦର ବେଳା !

*କୀର୍ତ୍ତନ ସାହୁ*

ଶୀତଳ ଜୋଛନା ଝରି ପଡୁ ଅଛି
ମନ ନେଉ ଅଛି କିଣି
ରୂପେଲି ଚାନ୍ଦୁଆ ଅବା ଢାଙ୍କି ଅଛି
ହୃଦୟ ଯାଉଛି ଜିଣି ।
ସାଙ୍ଗ ସାଥୀ ମେଳେ ଖେଳ ଜମି ଅଛି
ନାହିଁ ତାଙ୍କ ଟିକେ ହେଳା
ଯେତେ ଖେଳିଲେ ବି ଥକ୍କା ଲାଗୁ ନାହିଁ
ଆହାକି ସୁନ୍ଦର ବେଳା !
ଶୀତଳ ଜୋଛନା ଭାରି ମଜା ଲାଗେ
ମନରେ ପୁଲକ ଜାଗେ ।
କାହିଁ ଦୂରରୁ ଯେ ଗୀତ ଶୁଭୁ ଅଛି
କେଡ଼େ ସୁମଧୁର ରାଗେ ।
ତାରା ମେଳେ ଜହ୍ନ ଶୋଭା ପାଉଅଛି
ଆହା କି ସୁନ୍ଦର ବେଶେ
ମନ ମୋହୁ ଅଛି ବେଶ ଶୋହୁ ଅଛି
ରୂପ ତା ହୃଦୟ ତୋଷେ ।
ଆସ ମୀନା ଜିନା ଆସ ସିପୁ ସୋନୁ
ଗାଇବା ଖୁସିର ଗୀତ
ଆମରି ଖୁସିରେ ଖୁସି ହେବା ପାଇଁ
ଆସ ସାଙ୍ଗ ସାଥୀ ମିତ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*



# ଦୁଇ ଦିଅଁ

*ନୀଳମଣି ଚାନ୍ଦ*

ମୋ ପାଇଁ ମୋ ବାପା ଆକାଶଠୁଁ ବଡ଼
ଧରିତ୍ରୀଠୁଁ ବଡ଼ ମାଆ
ଆମ ଘର ହେଲେ ଦେବାଳୟଟିଏ
ସିଏ ଦୁଇ ଦିଅଁ ଆହା ।
ଆଶିଷ ମିଳଇ ଆମ ଜୀବନରେ
ସଦା ବାପା ମାଆଙ୍କର
ଆମରି ପାଇଁରେ ହୃଦୟ କନ୍ଦରୁ
ବହଇ ସେନେହ ଝର ।
ବାପାଙ୍କର କଥା ମୋ ପାଇଁ ଆଦର୍ଶ
ଲାଗେ ସତେ ନୀତିବାଣୀ
ମାଆଙ୍କର କଥା ସଦା ସ୍ନେହ ବୋଳା
ଏକଥା ପାରଇ ଜାଣି ।
ପାଖେ ପାଖେ ମୋ'ର ରହିଥାଆନ୍ତିରେ
ସତେ ହୋଇ ସିଏ ଛାଇ
କରିଛନ୍ତି ବଡ଼ ତେଣୁ ତାଙ୍କ ଋଣ
ଭୁଲି ମୁଁ ପାରଇ ନାହିଁ ।
କେବେ ମାଗିନାହିଁ ଜୀବନରେ କିଛି
ସେ ଜୀବନ୍ତ ଦେବତାଙ୍କୁ
ନାହାନ୍ତି ଏମିତି ଦେବତା ବିଶ୍ୱରେ
ଭାବେ ଯେବେ ଦେଖେ ପାଖୁ ।

*ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ସକାଳ ନିତି ଦେଖାଏ ପଥ

*ସୁଜିତ କୁମାର ମିଶ୍ର*

ପକ୍ଷୀ ଗୀତରେ ସକାଳ ହୁଏ
ସୂରୁଜ ଆସେ ଉଇଁ,
ଫରଚା ଦିଶେ ଘଡିକୁ ଘଡି
ଶୋଭେ ମରତ ଭୂଇଁ ।

ମାଆ ଘରର ଚାରିପଟରେ
ଛିଞ୍ଚେ ଗୋବର ପାଣି,
ଘର ଅଗଣା ସଜାଏ ସିଏ
ସରଗ ସୁଖ ଆଣି ।

ଆଖିରେ ଆଉ ନିଦ ଆସେନି
ସଅଳ ଉଠେ 'ଖୁସି',
ନିତି କରମ ସାରି ଦେଇକି
ପାଠ ପଢଇ ବସି ।

ହଳ ଲଙ୍ଗଳ ଧରି ଚାଲଇ
କ୍ଷେତକୁ ଚଷାଭାଇ,
କଣ୍ଠରେ ତାର ଭଜନ ଗୀତ
ସକାଳୁ ଝରୁଥାଇ ।

ଗଛ ପତରେ କାକର ପଡି
ବଢାଏ କେତେ ଶୋଭା,
ଜାତି ଜାତିକା ଫୁଲରେ ଦିଶେ
ପ୍ରକୃତି ମନଲୋଭା ।

ଆହାର ପାଇଁ ବିହଙ୍ଗ କୁଳ
ଛାଡି ଯାଆନ୍ତି ନୀଡ,
ପୂଜା ଆଳତୀ କରିବା ପାଇଁ
ହୁଏ ମନ୍ଦିର ଭିଡ ।



ସକାଳ ନିତି ଦେଖାଏ ପଥ
ଅନ୍ଧକାରକୁ ଟାଳି,
ଦେଇଛି ସିଏ ଆଲୋକ ଜ୍ୟୋତି
ଧରା ପୃଷ୍ଠରେ ଭରି ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*



# ଜୀବନ ତା'ର ଧନ୍ୟ

*ମହେନ୍ଦ୍ର କୁମାର ଘଡ଼େଇ*

ବାପ ଅଜାର ବିପୁଳ ଧନ
ନେଇ ଗରବ କରେ
ଗୁଣି ଗାରେଡ଼ି ମନ୍ତ୍ର ତନ୍ତ୍ରକୁ
କିଏ ଜାବୁଡ଼ି ଧରେ ।
କିଏ ଭାବୁଛି ମିଳିବ ଯାହା
କପାଳେ ଲେଖାଥିବ
ଦିଅଁ ଦେବତା ପୂଜାର ଫଳ
କିବା ବେକାର ଯିବ !
ବଡ଼ ସହଜ ବାଜି ଲଟେରୀ
ଉଠିଲେ ମାଲାମାଲ
ବିନା କାମରେ ଆଗକୁ କେତେ
ଫଳ ମିଳିବ ଭଲ ।
ଏଇ ଭ୍ରମରେ କାମ କରିବା
ମନରୁ ପୋଛି ଦେଲା
ଅଳସ କରି ମିଛ ସୁଖରେ
ଫଳ ତା' ମାରା କଲା ।
ସପନ ପାଖ ପହଞ୍ଚେ ନାହିଁ
ସଫଳ ସିଡ଼ି ଚଢ଼ି
କାଳ ଫାଶ ତା' ଦୁଃଖ ଅଭାବେ
ବେକକୁ ଦିଏ ମୋଡ଼ି ।
ଅକାମେ ମଲାବେଳେ ଯା' ପର
ପାଖରେ ହାତ ପାତେ
ପର ପୀଢ଼ିକୁ କାଳିମା ଟୀକା
ନିଜ ହାତରେ ପୋତେ ।
ବୁଦ୍ଧି ବିବେକ ଜ୍ଞାନରେ ଶୂନ
ଗଣତି ପଶୁ ତୁଲ
ଶରଧା ହାତେ କେହି ତାହାକୁ
କରନ୍ତି ନାହିଁ ଗେଲ ।
ନୀତି ସତରେ ପର ସେବାରେ
ଯାହାର ଥିବ ମନ
ମହୀରେ ଆଗ ଖୋଜା ପଡ଼ିବ
ଜୀବନ ତା'ର ଧନ୍ୟ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ଆମ ଗାଁ କେତେ ଭଲ



*ସୁରମା ମିଶ୍ର*

ଏଥର ଛୁଟିରେ ଗାଁକୁ ଯିବାଲୋ
କହିଦେ ବୋଉ ବାପାଙ୍କୁ
ଜେଜେ ମା' କଥା ମନେପଡୁ ଅଛି
ଭୁଲି ପାରୁନି ମୁଁ ତାଙ୍କୁ ।

କେତେ ସ୍ନେହଶ୍ରଦ୍ଧା ଦେଇ ମତେ ସିଏ
ପିଲାବେଳେ ବଢ଼ାଇଛି
ତା ମୁହଁଟି ବୋଉ ଆଖି ଆଗେ ମୋର
ସବୁବେଳେ ନାଚୁଅଛି ।

ସହରଟା ମତେ ଭଲ ଲାଗୁନାହିଁ
ଆମ ଗାଁ କେତେ ଭଲ
ସାଙ୍ଗସାଥି ମେଳେ ଖୋଲା ପଡିଆରେ
ଖେଳୁଥିଲୁ କେତେ ଖେଳ ।

ଆମ ପାଇଁ ବୋଉ ସହରରେ ଆଉ
ଜାଗାନାହିଁ ଖେଳିବାକୁ
ଭଲ ଲାଗୁ ନାହିଁ ଘର ଭିତରେ ଲୋ
ବନ୍ଦୀ ହୋଇ ରହିବାକୁ ।

ପାଠର ଚାପରେ ମନଟା ମୋହର
ରହୁଛି ସଦା ବିଷାଦ
ମନ ମୋର ପରିବର୍ତ୍ତନ ହୁଅନ୍ତା
କଲେ ଟିକେ ଖେଳ କୁଦ ।

ଖେତେ ଏବେ ଧାନ କେଣ୍ଡା ପାଚିଥିବ
ଶୋଭା ପାଉଥିବ ଖେତ
ସେ ଶୋଭାକୁ ଟିକେ ଦେଖିଲେ ଲୋବୋଉ
ମନ ହୁଅନ୍ତା ଉଷତ ।

ଗେଣ୍ଡୁ ଫୁଲ ଫୁଟି ବାଡ଼ି ଓ ଅଗଣା
ଦିଶୁଥିବ କି ସୁନ୍ଦର
ସେ ଦୃଶ୍ୟକୁ ଥରେ ଦେଖିବା ପାଇଁକି
ମନ ହେଉଅଛି ମୋର ।

ବାପାଙ୍କୁ ବୁଝାଇ କହିବୁ ବୋଉ ଲୋ
ଦିଅନ୍ତୁ ପଛେ ସେ ଗାଳି
ମୋର ମନକଥା ଜଣାଇବୁ ତାଙ୍କୁ
ଏତିକି ମୋହର ଅଳି ।

*ବି ଏଲ-୩୯*
*ଭିଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଶୀତଦିନେ

*ଦଶରଥ ମାଝୀ*

କୃଷକ ବିଲରେ ସୋରିଷ କୁସୁମ
ଦିଶିଥାଏ ସୁନାପରି
ଶୀତୁଆ ସକାଳେ ଧବଳ ରଙ୍ଗରେ
ଶିଶିରଟି ପଡେ ଝରି (୧)
ବାଡ଼ି ବଗିଚାରେ ମୂଳା ଫୁଲକୋବି
ଆଳୁ ବାଇଗଣ ଛୁଇଁ
କମଳା କଦଳୀ ସେଓ ନାସପାତି
ପ୍ରଚୁର ମିଳୁଛି ଭାଇ (୨)
ଗଛ ଗୁଡିକରେ ପତ୍ରଝଡା ହୁଏ
ଆସିଗଲେ ଶୀତଦିନ
ରାସ୍ତାଘାଟ ଶୁଖି କାଦୁଅ ହୁଅନି
ନିର୍ମଳ ଦିଶେ ଗଗନ (୩)
ମକର ସଂକ୍ରାନ୍ତି ନାଗଲଚତୁର୍ଥୀ
ହୋଇଥାଏ ମୁନିପୂଜା
ମହାଲକ୍ଷ୍ମୀ ପୂଜା ମାଣବସା ହୁଏ
ଲୋକ ମହୋତ୍ସବ ମଜା (୪)

*କୁରୁମାଟୁଆଁ, ଭବାନୀପାଟଣା, କଳାହାଣ୍ଡି*
*ମୋ-୮୨୪୯୨୧୨୪୭୨*

# ଶୀତ ଋତୁରେ ମଜା

*ଜୟକୃଷ୍ଣ ସାହୁ*

ଆସିଲା ଶୀତ ହୋଇଲା ମିତ
ରହିବ ଆମ ଘରେ
ଖୁସିରେ ସିଏ ଆସିଛି ବୁଲି
ବରଷ ଗୋଟେ ପରେ ।
କୁତୁରୁ କୁତୁ କରିବ ଶୀତ
ପଶି କମ୍ବଳ ତଳେ
ପରଶେ ତା'ର ପାହାନ୍ତି ନିଦ
ଯିବଟି ଭାଙ୍ଗି ବଳେ ।
କଅଁଳ ଖରା ପଡ଼ିଲେ ଦେହେ
ଖେଳିବି ତା'ର ସାଥେ
ମୁଢ଼ି ପକୁଡ଼ି ଖୁଆଇ ଦେବ
ତାହାରି କୁନି ହାତେ ।
ଖରାରେ ବସି ଖୁସିରେ ହସି
ଲେଖିବି କେତେ ଗୀତ
ପଢ଼ି ସେ ଗୀତ ହୋଇବ ପ୍ରୀତ
ଏ କଥା ଅଟେ ସତ ।
ବାଡ଼ିରେ ଆମ ଲଗାଇଦେବି
କାକୁଡି ଭେଣ୍ଡି ଜହ୍ନି
ଲଗାଇ ଗେଣ୍ଡୁ ଫୁଲର ଚାରା
ତା' ମୂଳେ ଦେବୀ ପାଣି ।
ଫୁଲ ଫୁଟିବ ବାସ ଛୁଟିବ
ଆସିବେ ମହୁମାଛି
ପରଜାପତି ଆସିଲେ ଉଡ଼ି
ହୋଇବ ମନ ଖୁସି
ଖେଳିବି ତାର ସାଥେ,
ଶୀତ ଆସିଲେ ଆମକୁ ମଜା
ମିଳଇ ଏତେ ସତେ ।

*କପିଳ ପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*



# ଶିଶିରେ ଭିଜେ ଶୀତ ସକାଳ

*ଧ୍ରୁବ ଚରଣ ଘିବେଲା*



ଶିଶିର ଭିଜେ ହେମନ୍ତ ରାତି
ଶିଶିର ଛୁଆଁ ପାଇ
ଶୀତରେ ଥରେ ଶୀତ ଛୁଆଁରେ
ରାତି ଶିଶିର ପାଇଁ ।
ରାତି ଶିଶିର ଘାସ ପତର
ଦେହେ ଲାଖିକି ରହି
ମୁକୁତା ପ୍ରାୟ ଦିଶେ ଉଭଳ
ରାତି ଗଲେକି ପାହି ।
ସୂରୁଯ କର ପାଇ ଶିଶିର
ବିନ୍ଦୁ ଝଲସି ଥାଏ
ଘାସ ପତର ଗଛ ଦେହର
ଶିଶିର ଶୋଭା ପାଏ ।
ରାତି ଶିଶିର ସତେଜ ଥାଇ
ଭିଜାଏ ସକାଳକୁ
ଶିଶିରେ ଭିଜେ ଶୀତ ସକାଳ
ଶୀତ ପରଖିବାକୁ ।
ଶିଶିର ପାଇ ଶିଶିର ପାଇଁ
ଶୀତ ସକାଳେ ଶୀତ
ଲଭେ ସକାଳ ଶୀତ ପରଷ
ଲଭେ ବି ଶୀତ ଦୁଃଖ ।
ଶିଶିର ପାଇଁ ସକାଳେ ଶୀତ
ଶୀତୁଆ ପରିବେଶ
ଶିଶିର ସାଥେ କୁହୁଡ଼ି ଥିଲେ
ଲାଗେ ଶୀତ ଅଧିକ ।
ଘନ କୁହୁଡ଼ି ଆସିଲେ ମାଡ଼ି
ଦିଶେ ଘନ ଅନ୍ଧାର
ସେତିକି ବେଳେ ଦିଶେନି କିଛି
ଥାଇ କୁହୁଡ଼ି ଘେର ।
ଶିଶିର ଭିଜା କୁହୁଡ଼ି ଘେରା
ଥିଲେ ଶୀତ ସକାଳ
ମୁହଁ ଲୁଚେଇ କିଛି ସମୟ
ରହେ ସେଇ ସକାଳ ।

*ବଉଦରାଜ-୭୬୨୦୧୪, ବୌଦ୍ଧ*
*ମୋ-୯୪୩୭୪୭୮୪୬୬*



# ଆସ ମାଆ ଅନ୍ନପୂର୍ଣ୍ଣା...

*ରାମଚନ୍ଦ୍ର ବେହେରା*

ଆଜି ମଗୁଶିର ଶୁଭ ଗୁରୁବାର
ଆସ ମାଆ ଅନ୍ନପୂର୍ଣ୍ଣା
ଶଂଖ ହୁଳହୁଳି ପବିତ୍ର ଧ୍ୱନିରେ
ହେବ ତୁମ ପୂଜାର୍ଚ୍ଚନା
ମାଣବସା ନୀତି ହେବ
ଧୂପ ନୈବେଦ୍ୟର ମହମହ ବାସ
ଭକ୍ତିର ପୁଲକ ଦେବ ।
ସ୍ୱଚ୍ଛତା ପରଖି ପାଦ ଥାପି ଥାପି
ଆସ ମାଆ କମଳିନୀ
ନବବଧୂ ରୂପେ ମାଣ ଖଟୁଲିରେ
ବିରାଜ ବିଶ୍ୱ ଜନନୀ
ପଡିଥିବ ଝୋଟି ଚିତା
ଟଗର ମନ୍ଦାର ଗେଣ୍ଡୁ ପଦୁଅଁରେ
ଚମକିବ ତୁମେ ମାତା ।
ସକାଳ ମଧ୍ୟାହ୍ନ ସନ୍ଧ୍ୟାକାଳ ନୀତି
ହେବ ବିଧି ଅନୁସାରେ
ମଣ୍ଡାପିଠା ଖିରି ପ୍ରସାଦ ଲାଗିବ
ଉତ୍କଳର ଘରେ ଘରେ
ହେବ କର୍ପୂର ଆଳତୀ
ଖୁସିହୋଇ ତୁମେ ଶୁଭାଶିଷ ଦେବ
ଫେରିବ ସୁଖ ସମୃଦ୍ଧି ।
ଆମେ ଶିଶୁ ବୋଲି ନିଜକୁ ନ'ମଣି
ବିନମ୍ର ପ୍ରଣତି ଢାଳି
ଆମ ରାଇଜର ସୁଖ ଶାନ୍ତି ପାଇଁ
ତୁମକୁ କରିବୁ ଅଳି
ଝରିବ ତୁମ ଆଶିଷ
ଦୁଃଖ ଦୂରହେବ ଶାନ୍ତି ବିରାଜିବ
ଖୁସି ମିଳିବ ଅଶେଷ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



# ବୋଉର ନାହିଁ ଶୀତକୁ ଡର


*ପ୍ରଶାନ୍ତ କୁମାର ଦାଶ*

ବୋଉର ନାହିଁ ଶୀତକୁ ଡର
ଶିଶିର ଟୋପା ଦାଉ
ଉଠି ଉଠାଏ ନିଦରୁ ସିଏ
କହେ ଶୁଅନି ଆଉ ॥
ହସୁଥାଏ ତ ଆକାଶ କୋଳେ
ତାରକା ମେଳେ ଜହ୍ନ
ଅଳସ କରି ଶୋଇବା ପାଇଁ
ହୁଏନି ତାର ମନ ॥
ଚହଟୁଥାଏ ଫୁଲର ବାସେ
ବୋଉ ତୋଳଇ ଫୁଲ
ପିଲାଙ୍କୁ କହେ ଖାଲି ପାଦରେ
ଟିକିଏ ଚାଲବୁଲ ॥
ଘରର କାମ କରଇ ସବୁ
ଶୀତ ତାପାଖେ ହାରେ
ଝପଟି ଯାଇ ନଈ ତୁଠରେ
ତାର ଗାଧୁଆ ସାରେ ॥
ଦେଉଳ ଯାଇ ମଥା ନୁଆଁଏଁ
ଦେବତା ପାଦତଳେ
ତା କାମ ପାଇଁ ଆମ ଘରର
ଦୁଃଖ ଅଭାବ ଟଳେ ॥
ଶୀତକୁ ଜମା ଡରେନି ବୋଉ
କାମରେ ଥାଏ ଲାଗି
ରାନ୍ଧେ ସେ କେତେ ମଧୁର ଚିଜ
ଖାଆନ୍ତି ବାପା ମାଗି ॥
ରାତି ଆକାଶୁ ଟୋପାକୁ ଟୋପା
କାକର ପଡେ ଖସି
ମାଟି ମାଆର କୁଣିଆ ସାଜି
ଶୀତତ ଆସେ ହସି ॥

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଚାଷୀ ପରି କିଏ ହବ

*ଜଗଦୀଶ ସାହୁ*



ଚାଷୀ ପରି କିଏ ହବ
ଆନ ତୁଣ୍ଡେ ମୁଠେ ଆହାର ଦେବାକୁ
ଦିନ ରାତି ଖଟୁଥିବ ।
ବରଷା ବତାସ ଝଡି
କୁହୁଡି କାକର ଗିରୀଷମ ଝାଞ୍ଜି
ପାଖ ନପାରନ୍ତି ମାଡି ।
ଗାଈ ଗୋରୁ ହାତୀ ପାତି
ସବୁରି ସାଥିରେ ଲଢେ ଏକା ଚାଷୀ
ପତେଇ ଆପଣା ଛାତି ।
କୃଷି କର୍ମ ଯାର ମୂଳ
ଦିଅଁ ଦେବତାଙ୍କୁ ପୂଜା କରିବାକୁ
ନିଅଣ୍ଟ ତା' ପାଖେ ବେଳ ।
ଚାଷୀ ଦୁଃଖ ଯିବ ଯେବେ
ସେଦିନ ଜାଣିବ ଓଡ଼ିଶା ରାଇଜ
ଆଗେଇଛି ମାତ୍ର ଲବେ ।

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*


# ଶୀତ ସଙ୍ଗାତ

*ଅସୀମା ପ୍ରଧାନ*

ଶୀତକୁ ସଙ୍ଗାତ କରିବାରେ ଭାଇ
ଶୀତ ପରା ସୁଖ ସମୃଦ୍ଧି ଆଣଇ ॥
ମାଣ ବସା ଗୁରୁବାରଟି ଆସଇ
ଲକ୍ଷ୍ମୀ ଦେବୀଙ୍କର ପ୍ରିୟ ବ୍ରତ ସେହି ॥
ପିଠାପଣା ଧୂପରେ ମହକେ ଘର
ସତେକି ଲକ୍ଷ୍ମୀ ବିଜେ ସମସ୍ତଙ୍କ ଘର ॥
ପାଚିଲା ଧାନ ତ କ୍ଷେତରେ ହସଇ
ଚାଷୀ ମନ ପରା ଆନନ୍ଦରେ ନାଚଇ ॥
ବରଷ ଯାକର ପରିଶ୍ରମ ପରେ
ଚାଷୀ ଧାନ କେଣ୍ଡା ହାତରେ ତ ଧରେ ॥
ଫୁଲ ଫଳରେ ତ ବଗିଚା ମଣ୍ଡଇ
ପନିପରିବାର ଅଭାବ ନ ଥାଇ ॥
ଖାଇବାକୁ ପିନ୍ଧିବାକୁ ତ ମିଳଇ
ଋତୁ ଅନୁସାରେ ହୋଇଛି ସଜାଇ ॥
ନ ଡରି ଶୀତକୁ ସ୍ୱାଗତ କରିବା
କଠୋର ଶ୍ରମରେ ସଫଳ ହୋଇବା ॥
ସୁଖ ଦୁଃଖ ସାଥୀ ସଙ୍ଗାତ ହୁଅଇ
ଯେତେ ଘୋଡେଇହେଲେ ଶୀତନଛାଡ଼ଇ ॥

*ବୀରମହାରାଜପୁର, ସୁବର୍ଣ୍ଣପୁର*

# ହିମ ସକାଳ



*ନିରଞ୍ଜନ ସାହୁ*

ହିମ ସକାଳର କଅଁଳ ଖରା
ଉଷୁମ ଲାଗଇ ସଭିଙ୍କୁ ପରା
ସକାଳୁ ବୁଲିବା ଦେହକୁ ହିତ
ବୁଲିଯିବା ଆମେ ଗାଇବା ଗୀତ
ପ୍ରଫୁଲ୍ଲ ଲାଗିବ ମନ
ସକାଳ ଜାଡ଼କୁ ଡରିଯିବା ନାହିଁ
ବାଜୁ କାଲୁଆ ପବନ ।
ରାତିରେ ଝରଇ ଶିଶିର ଟୋପା
ଗଛପତ୍ରେ ପଡ଼େ ଥୋପାକୁ ଥୋପା
ମୁକ୍ତା ବିନ୍ଦୁ ପରି ଦିଶଇ ତାହା
ଢଳଢଳ ହୁଏ ପତ୍ରରେ ଯାହା
ଟପ ଟପ ହୋଇ ଖସେ
ଅଳପ କୁହୁଡି ଘୁରି ବୁଲୁଥାଏ
ନୂଆ ହେମାଳ ପରଶେ ।
ସକାଳୁ ସକାଳୁ ବେଙ୍ଗଳା ପଡ଼େ
ଚଷା ପୁଅଟିର ମନଟା ଉଡେ
ବିଲରେ କିଏ ସେ କାଟଇ ହଳା
ଶଗଡ଼ରେ ଲଦି ଆଣେ କେ' ଖଳା
ଚାଷୀକୁ ନଥାଏ ଡର
ସକାଳ ଥଣ୍ଡାକୁ ଖାତିର ନଥାଏ
ଶୀତ ନିମିତ୍ତ ମାତର ।
ଗାଆଁଦାଣ୍ଡେ ବନ୍ଧା ହୁଅନ୍ତି ଗାଈ
ଅଳସେ ଶିଶୁଟି ମାରଇ ହାଇ
ବୁଲା ବେପାରୀଏ ବେପାର ପାଇଁ
ଅନ୍ଧାର ଥାଉଣୁ ଆସନ୍ତି ଧାଇଁ
ଠାବେ ଠାବେ ଜାଳି ନିଆଁ
ନିଆଁକୁ ଘେରିକି ବସିଥାନ୍ତି ଲୋକେ
ନିଆଁ ଦେଖାଏ କିମିଆଁ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୦ ନଭେମ୍ବର ୨୦୨୫ ଗୁରୁବାର





## ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଜାତୀୟ ସଂହତି ଦିବସ ପାଳିତ

# ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜଣେ ଦୃଢ଼ମନା ଓ ଦୂରଦର୍ଶୀ ନେତ୍ରୀ ଥିଲେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହାଭାରତୀୟତାର ମହାନ୍ ଭାବନା ଉଦ୍ରେକ ହେଲେ ଭାଷା, ସ୍ୱାର୍ଥ, ପ୍ରାନ୍ତ ଓ ସଂପ୍ରଦାୟର ଭାବନା ଲୁଚିଯାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଆଜି ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ପଞ୍ଚାୟନନ କାନୁନଗୋ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ବହୁମୁଖୀ ଅବଦାନ ସଂପର୍କରେ ଆଲୋକପାତ କରି କହିଲେ ଯେ ଜାତୀୟ ସଂହତିର ପ୍ରତିଷ୍ଠାତା ଓ ଦୃଢ଼ ନେତୃତ୍ୱର କଥା ଯେତେବେଳେ ମନେପଡ଼େ ସେତେବେଳେ ଇନ୍ଦିରା ଗାନ୍ଧୀ ଆମ ମାନସପଟରେ ଉଦ୍‌ଭାସିତ ହୁଅନ୍ତି । ଭାରତ-ପାକିସ୍ତାନ ଯୁଦ୍ଧ ହେଉ ଅବା ସିକିମ୍ ମିଶ୍ରଣ, ରାଜରାଜୁଡ଼ା ଶାସନର ଉଚ୍ଛେଦ ହେଉ ଅବା ବ୍ୟାଙ୍କ ଜାତୀୟକରଣ, ଏସବୁ ଥିଲା ତାଙ୍କର ଦୃଢ଼ମନା ଓ ଦୃଢ଼ଦର୍ଶୀ ନେତୃତ୍ୱର ପରିଭାଷା । ଭାରତବର୍ଷର ଏକତା, ଅଖଣ୍ଡତା, ସମୃଦ୍ଧି ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ କରିଥିଲେ । ଆମେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଭାରତ ପୃଥିବୀର ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ । ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଶ୍ରୀ ଦାଶ୍ ବେନ୍‌ହୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ସେ କହିଲେ ଯେ ଇନ୍ଦିରା ଗାନ୍ଧୀଙ୍କ ଜୀବନ ଥିଲା ବହୁ ବିପ୍ଳବର କାହାଣୀ । ସେ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ନେଇଥିଲେ ମଧ୍ୟ ତାଙ୍କର ବାଲ୍ୟ ଜୀବନ ଅବହେଳିତ ଥିଲା । ତାଙ୍କର ଶୈଶବ, ରାଜନୈତିକ ଓ ସାଂଗଠନିକ ଜୀବନ ଉପରେ ବିସ୍ତୃତ ଆଲୋଚନା କରି ଶ୍ରୀ ବେନହୁର କହିଲେ ଯେ ୧୯୭୧ ମସିହା ଭାରତ ପାଇଁ ସବୁଠାରୁ ଅଧିକ ସଫଳତାର ବର୍ଷ ଥିଲା । ଭାରତ-ପାକିସ୍ତାନ ଯୁଦ୍ଧରେ ଜିତିବା, ବଙ୍ଗଳାଦେଶ ଗଠନ, ବ୍ୟାଙ୍କ ଜାତୀୟକରଣ, ସମ୍ବିଧାନ ସଂଶୋଧନପୂର୍ବକ ମୌଳିକ କର୍ତ୍ତବ୍ୟକୁ ସମ୍ବିଧାନରେ ସଂଯୁକ୍ତ କରିବା ସହ ସଂହତି ଶବ୍ଦକୁ ଏଥିରେ ଯୋଡ଼ିଥିଲେ । ତାଙ୍କ ଶାସନକାଳରେ ଭାରତବର୍ଷର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହୋଇଥିଲା । ଦେଶର ସୁରକ୍ଷା ଓ ଅଖଣ୍ଡତା ରକ୍ଷା ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ ବୋଲି ଶ୍ରୀ ବେନ୍‌ହୁର କହିଥିଲେ ।

ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ସାଧାରଣ ସମ୍ପାଦକ ଶ୍ରୀ ଅମିୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ଜଣେ ଉଚ୍ଚକୋଟୀର ରାଷ୍ଟ୍ରନୀତିଜ୍ଞ, ଦକ୍ଷ ପ୍ରଶାସକ, ପ୍ରଭାବୀ ନେତ୍ରୀ, ଦୂରଦୃଷ୍ଟିସଂପନ୍ନ ମହିଳା ଭାବେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଖୁବ୍ ପରିଚିତ ଥିଲେ । ରାଷ୍ଟ୍ର ନିର୍ମାଣରେ ଇନ୍ଦିରା ଗାନ୍ଧୀଙ୍କ ଭୂମିକା ଅତୁଳନୀୟ । ନାରୀ ସଶକ୍ତିକରଣଠାରୁ ଆରମ୍ଭ କରି ସମାଜର ନିମ୍ନବର୍ଗର ଜନସାଧାରଣଙ୍କୁ ମୁଖ୍ୟସ୍ରୋତରେ ସାମିଲ ନିମନ୍ତେ ତାଙ୍କର ପ୍ରଚେଷ୍ଟା ସର୍ବଦା ସ୍ମରଣୀୟ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ଇନ୍ଦିରା ଗାନ୍ଧୀ ଥିଲେ ବିଶ୍ୱର ଦ୍ୱିତୀୟ ମହିଳା ନେତ୍ରୀ ଯିଏ ପ୍ରଧାନମନ୍ତ୍ରୀ ପଦବୀ ଅଳଙ୍କୃତ କରିପାରିଥିଲେ । ତାଙ୍କ ଶାସନକାଳରେ ଭାରତ ସବୁ କ୍ଷେତ୍ରରେ ପ୍ରଗତି ହାସଲ କରିଥିଲା ।

ସଭା ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗୀୟା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଅନୁଶାସନ ସଚିବ ଶ୍ରୀମତୀ ମୌସୁମୀ ଦାଶ ସ୍ୱାଗତ ଭାଷଣ ରଖୁଥିବାବେଳେ ବିଭାଗୀୟ ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର କାର୍ଯ୍ୟକର୍ତ୍ତା, ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୧୨ ଦେଶର ୪୦ ପ୍ରତିନିଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



୩୭ତମ ସଂସଦୀୟ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ । ନୂଆଦିଲ୍ଲୀ ସ୍ଥିତ ସଂସଦ ସଚିବାଳୟର (ପିଆରଆଇଡିଇ) ତରଫରୁ ୧୨ଟି ଦେଶର ୪୦ଜଣ ବିଦେଶୀ ପ୍ରତିନିଧି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବା ସହିତ ଏକ ବୈଠକରେ ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ଏହି ବୈଠକରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାର ଦୃଢ଼ ଗଣତାନ୍ତ୍ରିକ ପରମ୍ପରା ଏବଂ ବିଧାନସଭାର ୮୯ ବର୍ଷର ଉତ୍ସର୍ଗୀକୃତ ଜନସେବାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଓଡ଼ିଶା ରାଜ୍ୟ ବିଧାନସଭାର ସଂସଦୀୟ କାର୍ଯ୍ୟ ପ୍ରଣାଳୀ ଭାରତର ଅନ୍ୟତମ ସର୍ବଶ୍ରେଷ୍ଠ। ଜୁନ୍ ୨୦୨ରୁ ଜୁନ୍ ୨୦୨୫ ମଧ୍ୟରେ ଓଡ଼ିଶା ବିଧାନସଭା ୬୨ଟି ବୈଠକ ପରିଚାଳନା କରିଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍- ୨୦୨୪ ଉପରେ ରେକର୍ଡ ସମୟ ଅର୍ଥାତ୍ ୧୨ ଘଣ୍ଟା ୨୫ ମିନିଟ୍ ବିତର୍କ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିଧାନସଭା ପ୍ରକ୍ରିୟାର ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନ୍‌ର ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ଇ-ପ୍ରଶାସନ ପାଇଁ ଓଏସ୍‌ଡବ୍ଲୁଏଏସ୍, ସମ୍ପୂର୍ଣ୍ଣ ଡିଜିଟାଲ୍ ଗୃହ, ଗବେଷଣା ଏବଂ ସୂଚୀକରଣ ପାଇଁ ଇଓର ବ୍ୟବହାର ଆଦି ଅନେକ ପଦକ୍ଷେପ ନିଆଯାଇଛି। ଡିଜିଟାଲ୍ ପ୍ରୟୋଗ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଓଡ଼ିଶା ବିଧାନସଭା ଜାତୀୟ ପୁରସ୍କାର ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ବିଭିନ୍ନ ସଂସଦୀୟ କମିଟି ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ଓଡ଼ିଶାର ୧୦ଟି ବିଭାଗୀୟ ସ୍ଥାୟୀ କମିଟି ସମେତ ୨୫ଟି କମିଟି ଗଠନ କରାଯାଇଛି । ଉନ୍ନତ ପ୍ରଶାସନ ସୁନିଶ୍ଚିତ କରିବା ପାଇଁ ଏହି କମିଟି ଗୁଡିକ 'ମିନି-ପାର୍ଲାମେଣ୍ଟ' ଭାବରେ କାର୍ଯ୍ୟ କରୁଛି। ଓଡ଼ିଶା ନିକଟରେ ଅନୁସୂଚିତ ଜାତି ଏବଂ ଜନଜାତି କମିଟିର ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀକୁ ସଫଳତାର ସହିତ ଆୟୋଜନ କରିଥିଲା। ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ, ରାଜ୍ୟକୁ ପୂର୍ବ ଭାରତର ସାଂସ୍କୃତିକ କେନ୍ଦ୍ର ଭାବରେ ବର୍ଣ୍ଣନା କରିଥଲେ। ବିଦେଶୀ ପ୍ରତିନିଧିମାନେ ପୂର୍ବରୁ ପୁରୀ, କୋଣାର୍କ, ଧଉଳି ଏବଂ ଅନ୍ୟାନ୍ୟ ଐତିହ୍ୟସ୍ଥଳୀ ପରିଦର୍ଶନ କରିଥିଲେ। ସେମାନେ ଓଡ଼ିଶାର ଐତିହ୍ୟ ଓ ଆତିଥ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାର କହିଛନ୍ତି ଯେ ବିଶ୍ୱ ଗଣତାନ୍ତ୍ରିକ ପରିବେଶରେ ଓଡ଼ିଶାର ବିଧାନସଭା ଏକ ଜାତୀୟ ମଡେଲ ଭାବରେ ଉଭା ହୋଇଛି। ଓଡ଼ିଶାର ବିଧାନସଭା ଶୃଙ୍ଖଳା, ଗଠନମୂଳକ ବିତର୍କ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନର ଏକ ମଡେଲ । ଏଣୁ ସଂସଦୀୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଯୁବ ବିଶ୍ୱ ପ୍ରତିନିଧିମାନଙ୍କୁ ଭାରତର ଅନନ୍ୟ ସଂସଦୀୟ ପରମ୍ପରା ଶିଖିବା ପାଇଁ ଏକ ବିରଳ ସୁଯୋଗ ପ୍ରଦାନ କରୁଛି । ଉକ୍ତ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମକୁ ପ୍ରତିନିଧିତ୍ୱ କରୁଥିବା ତୁର୍କମେନିସ୍ତାନର ମଜଲିସ୍ (ସଂସଦ) ସଦସ୍ୟ କରିମଗୁଲି ଗୁରବାଙ୍ଗୁଲିଭିଚ୍ ଗେଲଡିୟେଭ, ଗଣତନ୍ତ୍ରରେ ସ୍ୱଚ୍ଛତା ଏବଂ ଡିଜିଟାଲ୍ ସଂସ୍କାର ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି ଏବଂ ଏହି ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ସମସ୍ତ ପ୍ରତିନିଧିଙ୍କ ପାଇଁ ସ୍ମରଣୀୟ ହେବ ବୋଲି କହିଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ସଂସଦୀୟ ବ୍ୟାପାର) ସୁରେନ୍ଦ୍ର କୁମାର, ଓଡିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ନିର୍ଦ୍ଦେଶକ ପ୍ରାଇଡ୍ ପ୍ରଶାନ୍ତ ମଲ୍ଲିକ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଜିନ୍ଦଲ ର କାଳିଆପାଣି କ୍ରୋମାଇଟ ମାଇନ୍ସରେ ଖଣି ସୁରକ୍ଷା ସପ୍ତାହ -୨୦୨୫

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ରେ କାଳିଆପାଣି କ୍ରୋମାଇଟ୍ ଖଣିରେ ଏକ ବ୍ୟାପକ ଖଣି ପରିଦର୍ଶନ ଏବଂ ଯାଞ୍ଚ କରି କର୍ମକ୍ଷେତ୍ର ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି । ୪୩ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହର ଏକ ଅଂଶ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଖଣି କ୍ଷେତ୍ରରେ ସୁରକ୍ଷା, ପରିବେଶଗତ ଦାୟିତ୍ୱ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଥିଲା। ଚନ୍ଦ୍ରକାନ୍ତ ରଥ (ସଂଯୋଜକ, କୋଇରା ଲୁହା ଖଣି), ବି.କେ. ସିଂହ (ସହ-ସଂଯୋଜକ, ବୋଲାନି ଲୁହା ଖଣି, ସେଲ୍), ଆଲୋକ କୁମାର ଚୌଧୁରୀ (ସଦସ୍ୟ-୨, ଯାନ୍ତ୍ରିକ) ଓ ସୁରେଶ ଦାଶ (ସଦସ୍ୟ-୩, ବୈଦ୍ୟୁତିକ, ଏମଜି ମହାନ୍ତି) ପ୍ରମୁଖ ଖଣି ସଂଗଠନର ସମ୍ମାନିତ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଯାଞ୍ଚ ଦଳ ଦ୍ୱାରା ଏହି ପରିଦର୍ଶନ ତଥା ଯାଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ। । ଖଣି କାର୍ଯ୍ୟ ଏବଂ ସୁରକ୍ଷା ଶିଷ୍ଟାଚାରର ପ୍ରମୁଖ ଦିଗଗୁଡ଼ିକୁ ସାମିଲ କରିବା ପାଇଁ ଦିନର କାର୍ଯ୍ୟସୂଚୀ ଯଥା ସୁରକ୍ଷା ପତାକା ଉତ୍ତୋଳନ ଉତ୍ସବ, ଖୋଲାସ୍ଥାନ ଅଞ୍ଚଳ, ଡମ୍ପ ଏବଂ ଉଡଙ୍ଗ ପ୍ଲାଣ୍ଟର ବିସ୍ତୃତ ଯାଞ୍ଚ, ବୈଧାନିକ ଡକ୍ୟୁମେଣ୍ଟ ଯାଞ୍ଚ, ପ୍ରାଥମିକ ଚିକିତ୍ସା ଏବଂ ଅଗ୍ନି ନିର୍ବାପନ ମକ୍ ଡ୍ରିଲ୍ ସମେତ ସୁରକ୍ଷା ଯାଞ୍ଚ ଏବଂ ଉତ୍କୃଷ୍ଟ ସୁରକ୍ଷା ପ୍ରୟାସକୁ ସ୍ୱୀକୃତି ଦେବା ପାଇଁ ସମାପନ ବୈଠକ ଏବଂ ପୁରସ୍କାର ବଣ୍ଟନକୁ ଅତ୍ୟନ୍ତ ସବଧାନତାର ସହ ଯୋଜନା କରାଯାଇଥିଲା। ଏହି ପରିଦର୍ଶନରେ ଜେଏସଏଲର କର୍ମଚାରୀଙ୍କ ପାଇଁ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା, ଜାତୀୟ ସୁରକ୍ଷା ନିର୍ଦ୍ଦେଶାବଳୀ ସହିତ ସମନ୍ୱୟ ରଖିବା ଏବଂ



କ୍ରୋମାଇଟ୍ ଖଣିରେ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ସକ୍ରିୟ ପଦକ୍ଷେପଗୁଡ଼ିକୁ ଆଲୋକପାତ କରାଯାଇଥିଲା। ଅଂଶଗ୍ରହଣକାରୀମାନେ କମ୍ପାନୀର ଭିତ୍ତିଭୂମି ଏବଂ ପ୍ରସ୍ତୁତିକୁ ପ୍ରଶଂସା କରିଥିଲେ, ଦୁର୍ଘଟଣା ରୋକିବା ଏବଂ ସତର୍କତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଏପରି ପଦକ୍ଷେପର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। 'ଏହି ଯାଞ୍ଚ ଶୂନ୍ୟ-କ୍ଷତି କାର୍ଯ୍ୟ ଏବଂ ସ୍ଥାୟୀ ଖଣି ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ, ଖଣି ସୁରକ୍ଷା ସପ୍ତାହରେ ଏହିପରି କାର୍ଯ୍ୟକ୍ରମ ନିରନ୍ତର ଉନ୍ନତି ଏବଂ ଜ୍ଞାନ ବଣ୍ଟନ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ' ଜେଏସଏଲର ଖଣି ମୁଖ୍ୟ ଶ୍ରୀ ରମିଆ ରଞ୍ଜନ ରାୟ କହିଛନ୍ତି । ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ବସନ୍ତ କୁମାର ମହାପାତ୍ର (ଏଜେଣ୍ଟ, ମୁଖ୍ୟ ଅର୍ଥ ଏବଂ ଆକାଉଣ୍ଟସ୍), ବଦ୍ରି ନାରାୟଣ ଦାଶ (ଖଣି ପରିଚାଳକ), ଶକ୍ତି ବିଶ୍ୱାଳ (ସୁରକ୍ଷା ଅଧିକାରୀ), ସଞ୍ଜିବ କୁମାର ବୈଦ୍ୟ (ଭୂତତ୍ତ୍ୱବିତ୍) ପ୍ରମୁଖ ଅଧିକାରୀମାନେ ଉକ୍ତ ପରିଦର୍ଶନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୯ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କ...

ଚଳିତ ଆର୍ଥିକ ବର୍ଷରେ ସିଏମ କିଷାନ ଯୋଜନାରେ ୫୧.୫୪ ଲକ୍ଷ ଚାଷୀଙ୍କୁ ୨୯୯୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୩୨୩୬ ଜଣ ପିଭିଟିଜି ଚାଷୀ ଏବଂ ୩୧,୬୯୫ ଜଣ ସହରାଞ୍ଚଳ ଚାଷୀ ଅନ୍ତର୍ଭୁକ୍ତ ଅଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ସିଏମ କିଷାନ ଯୋଜନା ହିତାଧିକାରୀଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ କୃଷି ବିଦ୍ୟାନିଧି ଯୋଜନାରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହି ଯୋଜନାରେ ୨୦୨୪-୨୫ ଶିକ୍ଷା ବର୍ଷରେ ୧୩,୯୨୩ ଛାତ୍ରଛାତ୍ରୀଙ୍କୁ ୫୩ କୋଟି ୬୭ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ୫ ଗୁଣ ଅଧିକ।

ପିଏମ ଧନଧାନ୍ୟ କୃଷି ଯୋଜନା କାର୍ଯ୍ୟକ୍ରମରେ ଓଡ଼ିଶାର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଏବଂ ନୂଆପଡ଼ା ଜିଲ୍ଲାକୁ ଚୟନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର କୃଷକମାନଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତାର ଚାଷୀ ସୁବାଶ ଚନ୍ଦ୍ର ଦାସ, ବାଲିପାଟଣାର ରୂପଶ୍ରୀ ସ୍ୱାଇଁ ଏବଂ ଜଟଣୀ କୁସୁମାଟିର କାର୍ତ୍ତିକ ପରିଡ଼ା ପିଏମ୍ କିଷାନ ଯୋଜନାର ସମସ୍ତ କିସ୍ତିର ସୁବିନିଯୋଗ କରି ଚାଷ କାର୍ଯ୍ୟରେ ସଫଳତା ପାଇଛନ୍ତି ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ କଥାହୋଇ ଫସଲ ବିବିଧିକରଣ ଜରିଆରେ ଧାନ ସହିତ ତେଲ ଜାତୀୟ ଫସଲ, ପନିପରିବା, ଫଳ ଚାଷ ଇତ୍ୟାଦି ଅର୍ଥକାରୀ ଫସଲ ଉତ୍ପାଦନ କରିବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର କୃଷକଙ୍କ ସଶକ୍ତିକରଣ ଓ ଉତ୍ପାଦନ ବୃଦ୍ଧିପାଇଁ ଆମ ସରକାର ସମସ୍ତ ସହଯୋଗ ଯୋଗାଇଦେବେ।

ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ପିଏମ କିଷାନ ଓ ସିଏମ୍ କିଷାନ ଯୋଜନାରେ ଆମ ରାଜ୍ୟର ଚାଷୀ ଭାଇଭଉଣୀମାନେ ବାର୍ଷିକ ୧୦ ହଜାର ଟଙ୍କା ପାଉଛନ୍ତି। ଏହି ରାଶିକୁ ସଠିକ୍ ଭାବେ ଉପଯୋଗ କଲେ କୃଷି କାର୍ଯ୍ୟରେ ସଫଳତା ମିଳି ଅଭାବ ଦୂର ହେବ। କୃଷକ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। କେନ୍ଦ୍ର କୃଷି ମନ୍ତ୍ରୀ ମଧ୍ୟ ଓଡ଼ିଶା ସରକାରଙ୍କର କୃଷକ କଲ୍ୟାଣ କାର୍ଯ୍ୟକୁ ମଡେଲ ଭାବେ ଗ୍ରହଣ କରିବା ପାଇଁ କହିଛନ୍ତି।

ଓୟୁଏଟିର କୁଳପତି ପ୍ରଫେସର ଡକ୍ଟର ପ୍ରଭାତ ରାଉଳ କହିଥିଲେ ଯେ, କୃଷି ପାଇଁ ତିନୋଟି ସମ୍ବଳ ଆବଶ୍ୟକ। ଜମି, ଶ୍ରମ ଓ ପୁଞ୍ଜି। କୃଷକଙ୍କ ପାଖରେ ସବୁବେଳେ ଜମି ଓ ଶ୍ରମଥାଏ କିନ୍ତୁ ପୁଞ୍ଜି ନଥାଏ। ଏହାକୁ ହୃଦୟଙ୍ଗମ କରି ପ୍ରଧାନମନ୍ତ୍ରୀ ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପିଏମ୍ କିଷାନର ସହାୟତା ରାଶି ଚାଷୀମାନଙ୍କୁ ମାନସିକ ଓ ଆର୍ଥିକ କ୍ଷେତ୍ରରେ ସୁଦୃଢ କରୁଛି।

କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ, ଖୋର୍ଦ୍ଧା ଜିଲ୍ଲାର ଚାଷୀ ଭାଇ ଭଉଣୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

### ଆଇନ ଶୃଙ୍ଖଳା ରକ୍ଷା ଓ...

ପ୍ରଶିକ୍ଷଣ ପ୍ରଦାନ ଏବଂ ଅପରାଧୀଙ୍କ ଜ୍ଞାନ କୌଶଳ ଠାରୁ ଗୋଟିଏ ପାଦ ଆଗରେ ରହିବା ପାଇଁ ସବୁ ପୋଲିସ ଅଧିକାରୀମାନେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଓଡ଼ିଶା ପୋଲିସର କାର୍ଯ୍ୟଶୈଳୀରେ ସନ୍ତୋଷବ୍ୟକ୍ତ କରି କହିଥିଲେ ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ଓ ଅପରାଧ ନିୟନ୍ତ୍ରଣକୁ ଆମ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଆମ ସରକାର ଆସିବା ପରଠାରୁ ରାଜ୍ୟ ପୋଲିସର ଦକ୍ଷତାପୂର୍ଣ୍ଣ କାର୍ଯ୍ୟ ବଳରେ ସମସ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଅପରାଧଗୁଡ଼ିକ ସ୍ୱଳ୍ପ ସମୟ ମଧ୍ୟରେ ସମାଧାନ କରି ଓଡ଼ିଶା ପୋଲିସ ରାଜ୍ୟ ପାଇଁ ସୁନାମ ଆଣିଛି। ପୋଲିସ ବ୍ୟବସ୍ଥାର ସୁଦୃଢ଼ୀକରଣ, ଆଧୁନିକୀକରଣ ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଥାନାକୁ ଅଭିଯୋଗ ନେଇ ଆସୁଥିବା ସାଧାରଣ ଲୋକ ଯେଭଳି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପାଇବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ସେବା ସହିତ ସୁରକ୍ଷା ଓ ସାହାଯ୍ୟ ଓଡ଼ିଶା ପୋଲିସର ମୁଖ୍ୟକାର୍ଯ୍ୟ ହେବା ଆବଶ୍ୟକ।

ସେ ପୁଣି କହିଥିଲେ ଯେ, ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ଏବଂ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ଶାନ୍ତି ଓ ସୁଶାସନର ପରିବେଶ ଅତ୍ୟନ୍ତ ଆବଶ୍ୟକ। ଛୋଟ ଛୋଟ ସମସ୍ୟା ଯୋଗୁଁ ଯେପରି ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ନ ହେବ, ସେଥିପ୍ରତି ଉଭୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥି ସହିତ ମୁଖ୍ୟମନ୍ତ୍ରୀ ୨୦୨୬ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ କରିବା, ବେଆଇନ ନିଶା କାରବାର, ଜମି ମାଫିଆ ଏବଂ ଅର୍ଥନୈତିକ ଅପରାଧୀଙ୍କ କାରବାରକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା, ଦୁର୍ଘଟଣାପ୍ରବଣ ସ୍ଥାନମାନଙ୍କରେ ନଜର ରଖି ନିୟମିତ ଚେକିଂ ଓ ପାଟ୍ରୋଲିଂ କରିବା, ଦ୍ରୁତ ଗତି ଗାଡ଼ି ଚାଳନା ଓ ମଦ୍ୟପାନ କରି ଗାଡ଼ିଚାଳନା ଉପରେ ଫୋକସ କରିବା ଏବଂ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ କୋଷ୍ଟାଲ ସିକ୍ୟୁରିଟି, କୋଷ୍ଟ ଗାର୍ଡ ଏବଂ ନୌବାହିନୀ ସହିତ ଉପଯୁକ୍ତ ସମନ୍ୱୟ ରଖି କାମ କରିବା ପାଇଁ ପରାମର୍ଶ ଦେଇଥିଲେ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ନୂଆ ସରକାର ଦାୟିତ୍ୱ ନେବା ପରେ ରାଜ୍ୟ ପୋଲିସରେ ବ୍ୟାପକ ଆଧୁନିକୀକରଣ କରାଯାଇଛି। ପୋଲିସ ପ୍ରଶାସନରେ ମାନବସମ୍ବଳ ବୃଦ୍ଧି, ଆବଶ୍ୟକ ଉପକରଣ ଓ ସଂସ୍ଥାଗତ ସୁଦୃଢ଼ୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି, ଯାହା ଫଳରେ ରାଜ୍ୟରେ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ଓଡ଼ିଶା ପୋଲିସ ସଫଳତାର ସହ କାମ କରୁଛି। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଥିଲେ ଯେ, ଓଡ଼ିଶା ପୋଲିସକୁ ସୁଦୃଢ଼ କରିବା ପାଇଁ ଗୃହବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଯାହା ବି ପ୍ରସ୍ତାବ ଦିଆଯାଉଛି ମୁଖ୍ୟମନ୍ତ୍ରୀ ତାକୁ ତୁରନ୍ତ ମଞ୍ଜୁର କରୁଛନ୍ତି। ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଓ ସରକାରଙ୍କ ଆଖି ଓ କାନ। ତେଣୁ ଉଭୟଙ୍କ ମଧ୍ୟରେ ସମନ୍ୱୟ ସବୁବେଳେ ରହିବା ଦରକାର। ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ନିଜ ସ୍ୱାଗତ ଭାଷଣରେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ୀକରଣ, ଅପରାଧ ନିୟନ୍ତ୍ରଣ ଓ ତଥ୍ୟ-ପ୍ରଯୁକ୍ତି ଆଧାରିତ ନିରୀକ୍ଷଣ ପ୍ରଣାଳୀର ବିସ୍ତାର ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ ସମ୍ମିଳିତ ପ୍ରୟାସ, ତଥ୍ୟ ଆଦାନ-ପ୍ରଦାନ ଓ ଗ୍ରାଉଣ୍ଡରେ-ଲେଭଲ ମନିଟରିଂ ଆଗାମୀ ଦିନରେ ଆଇନ-ଶୃଙ୍ଖଳାକୁ ଅଧିକ ସୁନିଶ୍ଚିତ କରିବ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ରାଜ୍ୟ ପୋଲିସ ଓ ପ୍ରଶାସନର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ସାପ କାମୁଡ଼ା ମୃତ୍ୟୁ ପାଇଁ...

ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଥରେ ସଂଶୋଧିତ କ୍ଷତିପୂରଣ ଢାଞ୍ଚା ଅନୁମୋଦନ ହେବା ପରେ ଏହା ସାରା ଦେଶରେ ଲାଗୁ ହେବ। ଏହା ବ୍ୟତୀତ, ସୁପ୍ରିମକୋର୍ଟ ଏହି ବର୍ଷ ଜାନୁଆରୀରେ ଆଣ୍ଟି-ଭେନମ୍ ସମେତ ସାପ କାମୁଡ଼ା ଚିକିତ୍ସା ସୁବିଧା ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ କରାଇବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଭାଷଣ ଉପରେ ବିଜୁ ଜନତା ଦଳ ପ୍ରତିକ୍ରିୟା ଦେଇ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ହୋଇ ରହିଛି, ଲୋକଙ୍କ ପାଖରେ ପହଞ୍ଚିବାରେ ସକ୍ଷମ ହୋଇପାରି ନାହିଁ ବୋଲି କହିଛି । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାର ୧୬ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ରହିଛି । ପୂର୍ବ ବିଜେଡି ସରକାରଙ୍କ ଯୋଜନା ଗୁଡିକର କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରୁଥିବା ବେଳେ, ଏହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ସରକାରଙ୍କ ଅଧିକାଂଶ କାର୍ଯ୍ୟକ୍ରମ କେବଳ ଘୋଷଣାରେ ସୀମିତ ହୋଇ ରହିଯାଉଛି । ଡ଼ ମହାନ୍ତି କହିଛନ୍ତି, ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମହୋଦୟ ଉଠାଇଥିବା ପ୍ରସଙ୍ଗ ଗୁଡିକ ମଧ୍ୟ ଅନେକ ପ୍ରଶ୍ନ ଛିଡା କରିଛି । ଉଦାହରଣ ସ୍ୱରୂପ, ବାଲି ଓ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବିରୋଧରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶରୁ ସ୍ପଷ୍ଟ ହୋଇଛି ଯେ, ରାଜ୍ୟରେ ବାଲି ଓ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ଅହେତୁକ ବୃଦ୍ଧି ପାଇଥିବା କଥାକୁ ବିଳମ୍ବରେ ହେଲେ ବି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି । ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରେ ବାଲି ଓ ଅନ୍ୟାନ୍ୟ ଲଘୁ ଖଣିଜ ସମ୍ପଦର ଚୋରାଚାଲାଣ ଅହେତୁକ ବୃଦ୍ଧି ପାଇଛି ବୋଲି ବିଜୁ ଜନତା ଦଳ ପ୍ରସଙ୍ଗ ଉଠାଇ ଆସୁଛି । ଏପରିକି ଏହି ଚୋରାଚାଲାଣ କାରବାର ଯୋଗୁଁ ରାଜ୍ୟର ଲଘୁ ଖଣିଜ ସମ୍ପଦର ରାଜସ୍ୱ ୨୦୨୩-୨୪ ବର୍ଷରେ ୧୪୮୫ କୋଟି ଥିଲାବେଳେ ୨୦୨୪-୨୫ ବେଳେ ଏହା ମାତ୍ର ୬୦୦ କୋଟି ଟଙ୍କାକୁ ଖସି ଆସିଛି । ସେହିପରି ଚୋରା ମଦ କାରବାରକୁ ରୋକିବା ପାଇଁ ଦେଇଥିବା ନିର୍ଦ୍ଦେଶ ମଧ୍ୟ ରାଜ୍ୟରେ ଚାଲୁଥିବା ଚୋରା ମଦ କାରବାରକୁ ସ୍ୱୀକାର ସଦୃଶ୍ୟ ହୋଇଛି।

# ଅକ୍ଟୋବର ମାସରେ ୫୮,୭୩୧ ଟି ବିନା ଟିକେଟ୍ ଯାତ୍ରୀ ଚିହ୍ନଟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନଧିକୃତ ଯାତ୍ରାକୁ ଏଡ଼ାଇବା ପାଇଁ ଏହାର କାର୍ଯ୍ୟକାରୀତା ଏବଂ ସଚେତନତା ପ୍ରୟାସକୁ ସୁଦୃଢ଼ କରିଛି ଯାହା ଦ୍ୱାରା ଅକ୍ଟୋବର ୨୦୨୫ ରେ ବହୁ ସଂଖ୍ୟକ ବିନା ଟିକେଟ୍ ଏବଂ ଅନିୟମିତ ଯାତ୍ରା ମାମଲା ଚିହ୍ନଟ କରାଯାଇଛି । ରେଳମଣ୍ଡଳ ଗୁରୁତ୍ୱାରୋପ କରିଛି ଯେ ବିନା ଟିକେଟ କିମ୍ବା ବୈଧ ଟିକେଟ ବିନା ଟ୍ରେନ ଯାତ୍ରା କରିବା ଦ୍ୱାରା କେବଳ ଦଣ୍ଡ ଲାଗୁ ହୁଏ ନାହିଁ ବରଂ ଯାତ୍ରୀମାନଙ୍କୁ ଅସୁବିଧା ହୁଏ ଏବଂ ଯାତ୍ରା ପରିବେଶକୁ ବିପର୍ଯ୍ୟସ୍ତ କରେ। କେବଳ ଅକ୍ଟୋବର ୨୦୨୫ ରେ, ଟିକେଟ ଉଲ୍ଲଂଘନର ୫୮,୭୩୧ ମାମଲା ଚିହ୍ନଟ ହୋଇଅଛି ଯାହା ଗତ ବର୍ଷ ଅକ୍ଟୋବର ମାସ ତୁଳନାରେ ୫.୪% ଅଧିକ ଅଟେ। ଏପ୍ରିଲରୁ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ, ମୋଟ ଉଲ୍ଲଂଘନ ୪,୪୧,୧୦୬ ମାମଲାକୁ ବୃଦ୍ଧି ପାଇଛି ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ପଞ୍ଜିକୃତ ୪,୦୦,୯୪୬ ମାମଲା ତୁଳନାରେ ୧୦% ଅଧିକ। ବ୍ୟାପକ ଟିକେଟ ଯାଞ୍ଚ ଓ ସଚେତନତା ପ୍ରୟାସ କେବଳ ରାଜସ୍ୱ ସୁରକ୍ଷାକୁ ସୁଦୃଢ଼ କରିନାହିଁ ବରଂ ଯାତ୍ରୀମାନଙ୍କୁ ଅନୁପଯୁକ୍ତ ଯାତ୍ରା ଟିକେଟ କିମ୍ବା ବିନା ଟିକେଟ ଯାତ୍ରା କରିବାକୁ ନିରୁତ୍ସାହିତ କରିଛି, ଯାହା ଦ୍ୱାରା ଦାୟିତ୍ୱପୂର୍ଣ୍ଣ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରାଯାଇ ହେବ। ରେଳମଣ୍ଡଳ ୨୦୨୫ ଅକ୍ଟୋବରରେ ୩,୧୫,୧୧,୭୭୦ଟଙ୍କା ଜରିମାନା ସଂଗ୍ରହ କରିଛି, ଯାହା ଗତ ବର୍ଷ ତୁଳନାରେ ୨୩% ବୃଦ୍ଧିକୁ ପ୍ରତିଫଳିତ କରୁଅଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲ ମାସ ଠାରୁ ଅକ୍ଟୋବର ମାସ ମଧ୍ୟରେ ଜରିମାନା ପରିମାଣ ୨୩,୯୪,୨୩,୬୯୮ ଟଙ୍କାରେ ପହଞ୍ଚିଛି ଯାହା ଅକ୍ଟୋବର ୨୦୨୪ ସୁଦ୍ଧା ଆଦାୟ ହୋଇଥିବା ଜରିମାନା ୧୮,୯୭,୨୯,୦୧୦ ଟଙ୍କା ତୁଳନାରେ ୨୬% ବୃଦ୍ଧିକୁ ଦର୍ଶାଉଛି। ଏହି ପଦକ୍ଷେପଗୁଡ଼ିକ ଯାତ୍ରୀମାନଙ୍କୁ ସମ୍ମାନର ସହିତ ଯାତ୍ରା କରିବାକୁ ଏବଂ ସେମାନଙ୍କ ଯାତ୍ରା ସମୟରେ ରେଳ ନିୟମ ପାଳନ କରିବାକୁ ଆହୁରି ଉତ୍ସାହିତ କରେ। ଚଳିତ ଆର୍ଥିକ ବର୍ଷରେ ମୋଟ ୧,୫୮୬ ଟି ଟିକେଟ ଯାଞ୍ଚ ଅଭିଯାନ କରାଯାଇଥିବା ବେଳେ ରେଳମଣ୍ଡଳ ପକ୍ଷରୁ ୨,୧୪୫ ଟି ଟ୍ରେନରେ ମଧ୍ୟ ଟିକେଟ ଯାଞ୍ଚ କରାଯାଇଥିଲା। କଠୋର ତଦାରଖ ସହିତ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସାର୍ବଜନୀନ ଘୋଷଣା, ସୋସିଆଲ ମିଡିଆ ମେସେଜିଂ ଏବଂ ଷ୍ଟେସନ-ସ୍ତରୀୟ ପ୍ରଚାର ମାଧ୍ୟମରେ ବ୍ୟାପକ ସଚେତନତା ଅଭିଯାନ ସର୍ବଦା ଚଳାଇ ଆସୁଛି ।। ରେଳମଣ୍ଡଳର ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଶ୍ରୀ ଅନିଲ କୁମାର ଏସ. ସମସ୍ତ ଯାତ୍ରୀଙ୍କୁ ଅଯଥା ଅସୁବିଧାକୁ ଏଡାଇବା ଏବଂ ଏକ ଶୃଙ୍ଖଳିତ ଏବଂ ସମ୍ମାନର ସହ ସୁବିଧା ଯୁକ୍ତ ଯାତ୍ରା ପରିବେଶକୁ ଆପଣେଇବା ପାଇଁ ସର୍ବଦା ବୈଧ ଟିକେଟ୍ କିମ୍ବା ଯାତ୍ରା ଅଧିକାର ଦଲିଲ ବହନ କରିବାକୁ ନିବେଦନ କରିଛନ୍ତି।


**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
PIN: 751012, Tel No.(0674) 2562020,
e-Mail: theoccltd@odishaconstruction.com
GSTIN- 21AAAC02571K2ZM

**CAD-2359**

**"e- Procurement Notice No- 52/OCCL/2025-26 (on-line)**

| Sl No | Name of Work | Bid Identification No | Bid Security/ EMD (through on-line transfer/as mentioned in DTCN) (in Rs.) | Period of Completion | Availability of Tender (on-line) | Last date of Submission of tender (on-line) | Seek Clarification |
|---|---|---|---|---|---|---|---|
| 1 | *Request for Proposal (RFP) for engagement of Consultant for Documentation and processing of Forest Diversion Proposal (Both Stage-I & Stage-II) for Mankada Irrigation Project under Angul District* | OCCL-CDC/02 2025-26 | Rs. 2,00,000/- | 18 (Eighteen) calendar months | From 20.11.2025, 03.30 PM to 04.12.2025, 5.30 PM | 04.12.2025, 5.30 PM | 20.11.2025, 10 AM to 26.11.2025, 5.30 PM |

Procurement Officer: Managing Director, OCCL
Date of Opening of the Technical Bid: **05.12.2025, 12.00 Noon onwards**
Further details can be seen from the e-procurement portal: https://www.tendersodisha.gov.in

Sd/- MANAGING DIRECTOR



**ODISHA LIFT IRRIGATION CORPORATION LTD.**
**OFFICE OF THE EXECUTIVE ENGINEER LIFT IRRIGATION DIVISION, SUBARNAPUR**
**e-mail id- eeolicsnp@gmail.com**
**'e' Procurement Notice**
**Bid identification No. OLIC-SNP-03/2025-26dt 10-11-2025**

**CAD-2341**

The **Executive Engineer, Lift Irrigation Division, Subarnapur** on behalf of OLIC invites **Percentage Rate** bids in single cover system to be received in **Online Mode only** for the work **Installation and Energisation of New LIPs under different block in Subarnapur District** as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways /C.P.W.D./P.W.D./R.W.S.S/P.H.E.D./Irrigation/M.I. for execution of Civil Works with valid Electrical (H.T) License issued by ELBO Odisha ,the contractor will be produced Experience certificate of his/her own for similar type of work .The scanned copy of the relevant documents should be uploaded along with the bid,through On-Line in the Govt. website **www.tendersodisha.gov.in**. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.


**1.Name of the Works:- Installation & Energisation of New River Lift Irrigation Projects with supply of all materials on Turnkey basis. 2.Total Nos of Package:-27, 3.Approximate Estimated Cost:-Rs. 31.55 Lakhs to Rs 102.99 Lakhs, 4. Class of Contractor:- As mentioned against each package, 5. Period of Completion:- 120 Days for all projects from the date of issue of work order. 6. Other details as follows-**


| Procurement Officer | Bid Identification No | Availability of Tender On-Line for Bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Subarnapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I.Division,Subarnapur | OLIC-SNP-03/2025-26 | 20-11-2025 at 11:00 Hrs. | 27-11-2025 at 17:00 Hrs. | 26-11-2025 at 17:00 Hrs. | 28-11-2025 at 11:00 Hrs. |


- **Details can be seen from the Website www.tenderodisha.gov.in**
- **Any corrigendum/Addendum will be displayed in the above website only**

Sd/- EXECUTIVE ENGINEER
L.I. DIVISION, SUBARNAPUR

ସମ୍ବାଦ କଳିକା
The Sambad Kalika
ଶେଷ ପୃଷ୍ଠା
RNI Regd. No. : 52640/94 Postal Regd. No. : BN/60/25-27
ଭୁବନେଶ୍ୱର ୨୦ ନଭେମ୍ବର ଗୁରୁବାର, ୨୦୨୫




# ଟାୟାର ଟେକ୍ନୋଲୋଜି ନେଇ କିଟ୍ ଓ ଆପୋଲୋ ଟାୟାର୍ସ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୧୯ ।୧୧**
**ନ୍ୟୁଜ ବ୍ୟୁରୋ**

ଟାୟାର ଟେକ୍ନୋଲୋଜି ପାଠ୍ୟକ୍ରମ ନେଇ କିଟ୍ ବିଶ୍ୱବିଦ୍ୟାଳୟ ଓ ଆପୋଲୋ ଟାୟାର୍ସ ମଧ୍ୟରେ ମଙ୍ଗଳବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏଥିରେ ସ୍ୱାକ୍ଷର କରିଥିବା ବେଳେ ଆପୋଲୋ ଟାୟାର୍ସ ପକ୍ଷରୁ ଫିଲ୍ଡ ଟେକ୍ନିକାଲ୍ ସର୍ଭିସ୍ ମୁଖ୍ୟ ଅନୀତ ଚାକୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏଭଳି ବୁଝାମଣା ଭାରତରେ ପ୍ରଥମ ଥର ପାଇଁ କୌଣସି ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହା ସହ ଟାୟାର ଟେକ୍ନୋଲୋଜିରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଚଳନ କରିବାରେ କିଟ୍ ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି। ଏହି ବୁଝାମଣା ଫଳରେ କିଟ୍ ଟାୟାର ବିଜ୍ଞାନ, ଟାୟାର ଡିଜାଇନ୍, ଉତ୍ପାଦନ, ପରୀକ୍ଷଣ ଏବଂ ସ୍ଥାୟିତ୍ୱକୁ ଅନ୍ତର୍ଭୁକ୍ତ କରୁଥିବା ଏକ ସ୍ୱତନ୍ତ୍ର ଇଚ୍ଛାଧୀନ ବିଷୟ ପ୍ରଦାନ କରିବ। ପୂର୍ବରୁ ଭାରତରେ ଏକ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଆନୁଷ୍ଠାନିକ ଭାବରେ ଏଭଳି ସଂପୃକ୍ତି ନଥିଲା ବୋଲି କୁହାଯାଉଛି। ବୁଝାମଣା ଅନୁସାରେ ଆପୋଲୋ ଟାୟାର୍ସ ବିଶ୍ୱବିଦ୍ୟାଳୟକୁ ପାଠ୍ୟକ୍ରମ ବିକାଶ, ଅଧ୍ୟୟନ ସାମଗ୍ରୀ ପ୍ରସ୍ତୁତ ଏବଂ ନୂତନତମ ଶିଳ୍ପ ଧାରା ସହିତ ଶିକ୍ଷାଦାନକୁ ସମନ୍ୱିତ କରିବାରେ ସହାୟତା କରିବ। କମ୍ପାନୀର ବିଷୟବସ୍ତୁ ଉପରେ ବିଶେଷଜ୍ଞମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବେ। ଫଳରେ ଛାତ୍ରଛାତ୍ରୀମାନେ ବାସ୍ତବ-ବିଶ୍ୱ ଅଭ୍ୟାସ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ପରିଚିତ ହେବେ। ଏହି ଅବସରରେ ପ୍ରଫେସର ସିଂହ ସୂଚନା ଦେଇ କହିଲେ, ଏହା ହେଉଛି ଭାରତର ପ୍ରଥମ ଓ ସ୍ୱତନ୍ତ୍ର ଢ଼ଙ୍ଗର ବୁଝାମଣା। ବର୍ତ୍ତମାନ ସୁଦ୍ଧା ପ୍ରାୟ କୌଣସି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଟାୟାର ଉତ୍ପାଦନ ଉପରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଦାନ କରିନାହିଁ। ଆପୋଲୋ ଟାୟାର୍ସର ଉତ୍ପାଦ ବିକାଶ ମୁଖ୍ୟ ପ୍ରଶାନ୍ତ କୁମାର ଏସ୍. କହିଲେ, ଏହି ବୁଝାମଣାପତ୍ର ଛାତ୍ରମାନଙ୍କୁ ଗଭୀର ଶିଳ୍ପ-ସମର୍ଥିତ ଦକ୍ଷତା ପ୍ରଦାନ କରି ସେମାନଙ୍କ ନିଯୁକ୍ତି ଯୋଗ୍ୟତା ଭାଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ଏହି ବୁଝାମଣା ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହା କିଟ୍ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ଓ ପାଠ୍ୟକ୍ରମରେ ଏକ ନୂତନ ଅଧ୍ୟାୟ ଯୋଡ଼ିବ ବୋଲି କହିଛନ୍ତି।

# ୨୫ରୁ ପଶ୍ଚିମ ଓଡ଼ିଶାରେ ଖୋଲିବ ମଣ୍ଡି

**ଭୁବନେଶ୍ୱର, ୧୯ ।୧୧ ନ୍ୟୁଜ ବ୍ୟୁରୋ**

ପଶ୍ଚିମ ଓଡ଼ିଶାରେ ଚଳିତ ମାସ ୨୫ ତାରିଖରୁ ଖୋଲିବ ମଣ୍ଡି। ଏନେଇ ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ସେ କହିଛନ୍ତି ଯେ, ସେହି ଅଞ୍ଚଳରେ ଅମଳ ସରି ଗଲାଣି। ତେଣୁ ସରକାର ପଶ୍ଚିମ ଓଡ଼ିଶାର ଚାଷୀଙ୍କଠାରୁ ଧାନ କିଣା ଆରମ୍ଭ କରିବେ। ବରଗଡ଼ ଜିଲ୍ଲାରୁ ଏହା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଜାନୁଆରୀରେ ଉପକୂଳ ଓଡ଼ିଶାରେ ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯିବ। ଯେଉଁ ଅଞ୍ଚଳରେ ଯେବେ ଧାନ ପାଚିବ, ଜିଲ୍ଲାପାଳମାନେ ମଣ୍ଡି ଖୋଲିବାର ନିଷ୍ପତ୍ତି ନେବେ। ମଧ୍ୟସ୍ଥି ବ୍ୟବସ୍ଥା ଉଚ୍ଛେଦ ହୋଇ ସାରିଲାଣି। ମିଲର ହଇରାଣ କରୁ ନାହାନ୍ତି। ଆଉ ଯାହା ସମସ୍ୟା ଅଛି ତାହା ଦୂର ହେବ।

